ଧରିତ୍ରୀ
DHARITRI
June 27-July 3, 2021 ₹ 2/-

# ଛୁଟିଦିନ



# ଲିଭିଯାଇଛି ଶୈଶବର ହସ

୩
ପ୍ରଚ୍ଛଦ ପ୍ରସଙ୍ଗ

ବୟସ ହସି ଖେଳି ବୁଲିବାର । ହେଲେ ଭାଗ୍ୟ ଖେଳିଛି ସେମାନଙ୍କ ସହ ବଡ଼ ଦାରୁଣ ଖେଳ । ବୁଝିବା ଶୁଝିବା ବୟସ ହେବା ପୂର୍ବରୁ ଛଡ଼େଇ ନେଇଛି ସେମାନଙ୍କ ଉପରୁ ବାପାମା'ଙ୍କ ହାତ । ନା ଅଛି ସେ ସ୍ନେହବୋଳା ପଣତକାନି, ନା ବାପାଙ୍କ ସାହସଭରା କାନ୍ଧ । ଝୁଣ୍ଟି ପଡ଼ିଗଲେ ଆହା ପଦେ କହିବାକୁ ବି କେହି ନାହିଁ ଏମାନଙ୍କର । ଦାରୁଣ ଅଦୃଶ୍ୟ ଭୂତାଣୁ ଛଡ଼େଇ ନେଇଛି ସେମାନଙ୍କ  ନିରୀହ ନିଷ୍ପାପ ଓଠରୁ ହସ...



୮/୯
ସିନେମା

୧୩
ସହରଠୁ ଦୂର

# ଲାଫିଂ ବୁଦ୍ଧ ମୂର୍ତ୍ତିର ଉପକାରିତା

ବାସ୍ତୁଶାସ୍ତ୍ର ଅନୁସାରେ ଲାଫିଂ ବୁଦ୍ଧଙ୍କ ମୂର୍ତ୍ତିକୁ ଘରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ତାଙ୍କର ହସୁଥିବା ଭଙ୍ଗୀକୁ ଦେଖିଲେ ମନରେ ସକାରାତ୍ମକ ଭାବନା ଜାଗ୍ରତ ହେବା ସହ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ। ଏହି ମୂର୍ତ୍ତିର ଆଉ କ'ଣ ସବୁ ଶୁଭ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ବାସ୍ତୁଶାସ୍ତ୍ରରେ ଲାଫିଂ ବୁଦ୍ଧଙ୍କ ମୂର୍ତ୍ତିକୁ ସମ୍ପନ୍ନତାର ପ୍ରତୀକ ବୋଲି ବିବେଚନା କରାଯାଇଥାଏ। କୁହାଯାଏ, ଏହି ମୂର୍ତ୍ତିକୁ ଘରେ ରଖିଲେ ଗୃହରେ ଉନ୍ନତି ହେବା ସହ ପରିବାରରେ ଶାନ୍ତି ବଜାୟ ରହିଥାଏ।

*ବାସ୍ତବରେ ହସୁଥିବା ଲାଫିଂ ବୁଦ୍ଧଙ୍କ ମୂର୍ତ୍ତି ନିଜର ଏହି ହାସ୍ୟପୂର୍ଣ୍ଣ ରୂପ ପାଇଁ ଗୃହରେ ଖୁସିର ପରିବେଶ ସୃଷ୍ଟି କରାଇବାରେ ବେଶ୍ ସହାୟକ ହୋଇଥାଏ। କାରଣ କୌଣସି ହସୁଥିବା ଲୋକର ମୁହଁକୁ ଦେଖିଲେ ଯେମିତି ଆପଣାଛାଏଁ ଆମ ମୁହଁରେ ହସ ଫୁଟିଆସେ, ଠିକ୍ ସେମିତି ଏହି ହସୁଥିବା ମୂର୍ତ୍ତିକୁ ଦେଖିଲେ ସ୍ୱତଃ ମୁହଁରେ ହସ ଆସିଗଲା ଭଳି ଅନୁଭବ ହୁଏ।

*ଖାସ୍ ସେଥିପାଇଁ ଏହି ମୂର୍ତ୍ତିକୁ ଘରର ମୁଖ୍ୟ ଦ୍ୱାରର ସାମ୍ନାରେ ରଖିବାକୁ କୁହାଯାଇଥାଏ। ଫଳରେ ଘରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି ମୂର୍ତ୍ତିକୁ ଦେଖି ଖୁସି ମନରେ ଘରକୁ ପ୍ରବେଶ କରିବେ, ଯାହାର ପ୍ରଭାବରେ ଘରର ସଦସ୍ୟ ପ୍ରସନ୍ନଚିତ୍ତ ରହିବା ସହ ଘରେ ସ୍ୱତଃ ଆର୍ଥିକ ଉନ୍ନତିର ବାଟ ଖୋଲିଯିବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୭-ଜୁଲାଇ ୩

**ମେଷ**: ଭାବ ଅଭାବର ବିଚିତ୍ର ଅନୁଭୂତି, ସୁବାର୍ତ୍ତା ପାଇବେ, ବୈଷୟିକ ସୁଖ ସମୃଦ୍ଧି, ବିଭିନ୍ନ ସମସ୍ୟାର ଅନୁଚିନ୍ତା, କର୍ମାରମ୍ଭରେ ପ୍ରତିବନ୍ଧକ, ଜମିଜମା ବିକ୍ରିବଟା, ଇତରଜନଙ୍କ ପ୍ରାଦୁର୍ଭାବ, ପରିବାରରେ ଭୁଲ୍ ବୁଝାମଣା, ଦୈହିକ ସୁସ୍ଥତା।

**ବୃଷ**: ଅଭାବନୀୟ ପରିସ୍ଥିତି, ନୂତନ କର୍ମ ସମ୍ପାଦନ, ପାରିବାରିକ ସହମତି, ଉଚ୍ଚବର୍ଗଙ୍କ ସହାୟତା। ଖଳ ଲୋକଙ୍କ ସମାଲୋଚନା, ମୂଲ୍ୟବାନ୍ ଜିନିଷ କ୍ରୟ, ଗବେଷଣାରେ ଅଗ୍ରଗତି।

**ମିଥୁନ**: ସ୍ୱାସ୍ଥ୍ୟହାନିର ବ୍ୟସ୍ତତା, ଭାବ ବିନିମୟରେ ପ୍ରତିବନ୍ଧକ, ନୈରାଶ୍ୟର ବାତାବରଣ, ସ୍ଥଗିତ କର୍ମାରମ୍ଭ, ଗୃହ ସଜ୍ଜୀକରଣ, ପ୍ଲଟିଂ ବେପାରରେ ଉନ୍ନତି, ଶତ୍ରୁତାର ପ୍ରାଦୁର୍ଭାବ, ସାମୟିକ ବିରକ୍ତିବୋଧ।

**କର୍କଟ**: ଉପରିସ୍ଥଙ୍କ ଅନୁକମ୍ପା, ଅଭିଳାଷ ପୂରଣ, ସାହିତ୍ୟ ସାଧନା, ସାମାଜିକସ୍ତରରେ ସୁନାମ, କର୍ମକ୍ଷେତ୍ରରେ ଉତ୍ସାହ। ପ୍ରଗତିର ରୁଦ୍ଧଦ୍ୱାର ଖୋଲିଯିବ। ରୋଗପୀଡ଼ା କମିବ, ପାରିବାରିକ ସଦ୍ଭାବ।

**ସିଂହ**: କୌଶଳରେ କାମ ହାସଲ, ସଫଳତା ପାଇବେ, ସ୍ୱାସ୍ଥ୍ୟ ଭଲ ରହିବ, ପରିସ୍ଥିତି ବଦଳିଯିବ, ସହଯୋଗର ଅଭାବ ରହିବନି, ପିଲାଙ୍କ କୃତୀ ଓ କୃତିତ୍ୱ, ଆଇନ ସହାୟତା, ରାଜନୈତିକ ଟଣାଓଟରା।

**କନ୍ୟା**: ଅର୍ଥନୈତିକ ଅଭିବୃଦ୍ଧି, ଋଣ ପରିଶୋଧ, ସହକର୍ମୀଙ୍କ ଆନ୍ତରିକତା। ପଡ଼ୋଶୀଙ୍କ ସମାଲୋଚନା, ସଭାସମିତିରେ ସହଯୋଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁନାମ, ପୁରସ୍କୃତ ହୋଇପାରନ୍ତି।

**ତୁଳା**: ସମସ୍ୟାମୁକ୍ତ ହେବେ, ଝଡ଼ଝଞ୍ଜାର ଅବସାନ, ଅଭାବ ଦୂରହେବ, ଧର୍ମକାର୍ଯ୍ୟ କରିବେ, ଗୃହ ନିର୍ମାଣ ସରିବ, ପରିବାରରେ ମତାନ୍ତର, ସ୍ୱାଧିକାର କ୍ଷୁଣ୍ଣ ହୋଇପାରେ, ପ୍ରଶାସନିକ ତତ୍ପରତା, ବନ୍ଧୁଙ୍କ ଆନ୍ତରିକତା।

**ବିଛା**: କର୍ମକ୍ଷେତ୍ରରେ ଅସ୍ଥିରତା, ମାନସିକ ସନ୍ତୁଳନ ହରାଇବେ, ଆଲୋଚନାରେ ସଂଘର୍ଷ, ସ୍ଥଗିତ କର୍ମାରମ୍ଭରେ ରୋକ, ମନ ହାଲୁକା ରହିବ, କ୍ରୀଡ଼ାପ୍ରିୟ ହେବେ, ଚଳଚ୍ଚିତ୍ରରେ ସୁନାମ, ବ୍ୟବସାୟିକ ସଫଳତା।

**ଧନୁ**: ପୂର୍ବାବସ୍ଥା ରହିବନି, ନୂତନତ୍ୱର ଅନୁଭବ, ପାରିବାରିକ ସୁସ୍ଥତା, ବୁଝାମଣାରେ ଉନ୍ନତି, ସ୍ନାୟବିକ ଦୁର୍ବଳତା। ନିରୁତ୍ସାହିତ ରହିବେ, ଦୃଢ଼ୀଭୂତ ସମ୍ପର୍କ, ସଭା ସମିତିକୁ ନିମନ୍ତ୍ରଣ, ନୀଚ ସଂସର୍ଗରୁ ସମସ୍ୟା।

**ମକର**: ଅପ୍ରତ୍ୟାଶିତ ଅର୍ଥଲାଭ, କାର୍ଯ୍ୟସିଦ୍ଧିରୁ ଆଶ୍ୱସ୍ତି, , ପାରସ୍ପରିକ ସହଯୋଗ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ସଙ୍ଗୀତ ସାଧନାରେ ରୁଚି, ପ୍ରକାଶନରେ ବିଳମ୍ବ, ବିବାହ ସମସ୍ୟା ସମାଧାନ।

**କୁମ୍ଭ**: ସାମାଜିକ ପ୍ରତିଷ୍ଠା, ପାରିବାରିକ ସୁଖ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଶିଳ୍ପକ୍ଷେତ୍ରରେ ସୀମିତ ଉତ୍ପାଦନ, ସଂଘର୍ଷମୟ ରାଜନୀତି, ଅସନ୍ତୁଳିତ ମନ, ଦୁଷ୍ଟଲୋକଙ୍କ ଚକ୍ରାନ୍ତ, ସନ୍ଦେହମୁକ୍ତ ହେବେ, ଯୋଜନା ବଦଳିବ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ନିଯୁକ୍ତି ଖବର ପ୍ରାପ୍ତି।

**ମୀନ**: ପ୍ରତିବନ୍ଧକ ଦୂର ହେବ, ପ୍ରଗତିର ପଦଧ୍ୱନି, ଲକ୍ଷ୍ୟଭ୍ରଷ୍ଟ ହେବେ ନାହିଁ। ବନ୍ଧୁଙ୍କ ବୈମାତୃକ ମନୋଭାବ, ପରିବାରରେ ଆତ୍ମୀୟତା, ଯାନବାହନ କ୍ରୟ, ବିଳାସବ୍ୟସନର ଅଭିରୁଚି, ଭ୍ରମଣ ସୁଯୋଗ, ବିଦେଶ ଯାତ୍ରାରେ ଦ୍ୱନ୍ଦ୍ୱ, ସ୍ୱାସ୍ଥ୍ୟ ସମସ୍ୟାର ଦୁଶ୍ଚିନ୍ତା।

# ଉପକାରୀ ଆଲୋଭେରା

ଆକର୍ଷଣୀୟ ଚେହେରା ପାଇବାକୁ କାହାର ବା ଇଚ୍ଛା ନୁହେଁ। ସେଥିପାଇଁ କିଏ କେତେ ପ୍ରକାରର ପ୍ରସାଧନ ସାମଗ୍ରୀର ବ୍ୟବହାର କରିଥାନ୍ତି। କିନ୍ତୁ ଜାଣନ୍ତି କି ସାମାନ୍ୟ ଆଲୋଭେରାର ବ୍ୟବହାର ମଧ୍ୟ ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରିବାରେ ବେଶ୍ ସହାୟକ ହୋଇଥାଏ। ଅନେକ ସମୟରେ ଦେଖାଯାଏ, ଚିନ୍ତାଗ୍ରସ୍ତ ଯୋଗୁ ହେଉ କିମ୍ବା କାମର ବୋଝ ଅବା ବୟସାଧିକ ହେତୁ ମୁହଁର ଚମକ୍ କମିବା ସହ ମୁହଁରେ ଛୋଟ ଛୋଟ ଦାଗ ଦେଖାଯାଇଥାଏ। ତେଣୁ ଏଥିରୁ ମୁକ୍ତି ପାଇବାକୁ ହେଲେ ଆଲୋଭେରାରେ କିଛି ଲେମ୍ବୁରସ ମିଶାଇ ତ୍ୱଚାରେ ଲଗାଇଲେ ସୁଫଳ ମିଳିଥାଏ। ସେହିପରି ଯଦି ତ୍ୱଚାରେ ସନ୍ ବର୍ନ ହୋଇଥାଏ, ତା'ହେଲେ ପ୍ରଭାବିତ ସ୍ଥାନରେ ଦିନକୁ ଦୁଇଥର ଆଲୋଭେରା ଘଷିଲେ ଏହି ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିଥାଏ। ସେହିପରି ତ୍ୱଚା ଶୁଷ୍କ ଦେଖାଦେଲେ କିମ୍ବା ତ୍ୱଚା କୁଣ୍ଡାଇ ହେଉଥିଲେ, ସେହି ସ୍ଥାନରେ ଆଲୋଭେରା ଘଷିଲେ ଏ ସମସ୍ୟା ଶୀଘ୍ର ଠିକ୍ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଗୋଡ଼ଫଟା ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଆଲୋଭେରା ଜେଲ୍‌କୁ ପେଟ୍ରୋଲିୟମ୍ ଜେଲ୍ ସହ ମିଶାଇ ଲଗାଇଲେ ସୁଫଳ ମିଳିଥାଏ। ତା'ଛଡ଼ା ଆଲୋଭେରାକୁ ସେଭିଂ କ୍ରିମ୍ ବା ଜେଲ୍ ଭାବେ ମଧ୍ୟ ବ୍ୟବହାର କଲେ ଏହା ତ୍ୱଚାକୁ କୋମଳତା ପ୍ରଦାନ କରିଥାଏ।



# ପାଠକୀୟ

*ପହିଲି ଆଷାଢ଼ର ପ୍ରଥମ ବୁନ୍ଦା ଯେତେବେଳେ ମାଟି ସ୍ପର୍ଶ କରେ ଆସିଯାଏ ଅଙ୍କୁରୋଦ୍ଗମର ସମୟ। ଏହି ସମୟକୁ ଅପେକ୍ଷା କରି ଏବେ ପରିବେଶବିତ୍‌ମାନେ ମଞ୍ଜି ପିଣ୍ଡୁଳାର ସାହାଯ୍ୟ ନେଇ ଜଙ୍ଗଲ ସୃଷ୍ଟି କରିବାର ସଙ୍କଳ୍ପ ନେଉଛନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅଙ୍କୁରୋଦ୍ଗମ୍'ଟି ଏକ ଶୀକ୍ଷଣିୟ ବିଷୟ ଥିଲା। ସୁନ୍ଦର ଜୀବନ ପାଇଁ ଜିଇବା ପାଇଁ କ'ଣ କରିବା ଦରକାର ସେ ବିଷୟରେ ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*—ଅଶୋକ ରାଉଳ, ଜଟଣୀ, ଖୋର୍ଦ୍ଧା*

*ପରିବେଶ ସୁରକ୍ଷା ସହ ଜଙ୍ଗଲ ସୃଷ୍ଟି ପାଇଁ ଏବେ ଅନେକେ ଚିନ୍ତିତ। ବିଶେଷକରି ପରିବେଶବିତ୍‌ମାନେ ମଞ୍ଜି ପିଣ୍ଡୁଳାର ସାହାଯ୍ୟ ନେଇ ଜଙ୍ଗଲ ସୃଷ୍ଟି କରିବାର ଏକ ନୂଆ ଉପାୟ ଏବେ ବାହାର କରିଛନ୍ତି। ଏହାଦ୍ୱାରା ସମଗ୍ର ଜୀବଜଗତ ବେଶ୍ ଉପକୃତ ମଧ୍ୟ ହେଉଛନ୍ତି। ତେଣୁ ଏଭଳି ଏକ ହିତକାରୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଅଙ୍କୁରୋଦ୍ଗମ୍'ଟି ମୋ ମନକୁ ବେଶ୍ ଛୁଇଁଗଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଚେହେରା ଅନୁସାରେ ଇୟର୍ ରିଂ' କେମିତି ବାଛିବେ ସେ ସମ୍ପର୍କରେ ବି ଅନେକ କିଛି କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକଙ୍କ ଜୀବନୀ ବିଷୟରେ ବହୁ ଜଣାଅଜଣା କଥା ଜାଣି ଖୁସି ଲାଗିଲା। *—ମଣ୍ଟୁ ବାରିକ, ନୟାଗଡ଼*

*ସୃଜନ ପୃଷ୍ଠାରେ ସ୍ଥାନିତ 'ଶାଶୁଘର' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ୟାମିଙ୍କ ନୂଆ ଦାୟିତ୍ୱ', 'କାହାକୁ ଡରନ୍ତି ସନ୍ନି', 'ହସୀନ୍ ଦିଲ୍‌ରୁବାକୁ ଅପେକ୍ଷା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ଅନ୍ୟପକ୍ଷେ ଏଥରର ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ଅଧକ୍ଷ ତଥା ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ପ୍ରଫେସର୍ ବିଷ୍ଣୁ ଚରଣ ସାହୁଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ପଢ଼ି ବେଶ୍ ଖୁସି ଲାଗିଲା।

*—ଅନାମ ଚରଣ ପାତ୍ର, ଝାରସୁଗୁଡ଼ା*

*ବ୍ୟାକ୍ ପେନ୍ ଓ ନେକ୍ ପେନ୍ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏବେ କେତେକ ନିର୍ଦ୍ଦିଷ୍ଟ ବ୍ୟାୟାମ୍‌କୁ ଲୋକେ ଆପଣାଉଛନ୍ତି। ତେଣୁ ବ୍ୟାୟାମ୍‌ର ଉପକାରିତା ସମ୍ପର୍କରେ ଏଥରର ଛୁଟିଦିନରୁ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ମୋତେ ଖୁସି ଲାଗିଲା। ସେହିପରି ମଡେଲ୍ ମିରର୍‌ରେ ରେସ୍‌ମା ବେଶ୍ ସୁନ୍ଦରୀ ଲାଗୁଥିଲେ।

*—ରଶ୍ମିତା ଜେନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*

*କରୋନା ମହାମାରୀରୁ ମୁକ୍ତି ପାଇବା ପରେ ଦେଶର କେଉଁ କେଉଁ ସ୍ଥାନକୁ ବୁଲି ଯାଇହେବ, ସେ ସମ୍ପର୍କରେ ଏଥରର ସହର ପୃଷ୍ଠାରୁ ଜାଣିହେଲା। ସେହିପରି ଉକ୍ତ ସଂଖ୍ୟାର ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*—ବିଦ୍ୟାଧର ମହାନ୍ତି, ପ୍ରେସ୍ ଛକ, କଟକ*

## ବିଶେଷ ଚିଠି



ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ଆସୁଥାଅ ପ୍ରତି ରବିବାର ଦିନ।
କେତେ ନୂଆ ନୂଆ ପ୍ରଚ୍ଛଦକୁ ନେଇ
ମୋହୁଥାଅ ସବୁ ପାଠକଙ୍କ ମନ।
ମଡେଲ୍ ମିରର୍ ସାଙ୍ଗକୁ ପୁଣି ହାଃ ହାଃ
କାର୍ଟୁନ କର୍ନର ପଢ଼ି ଖାଲି ହସୁଥାଆ।
ବିବିଧା, ବ୍ୟାକ୍‌ପେଜ୍, ସହର ଓ ସାଥୀ
ଏମିତି ଷୋହଳ ପୃଷ୍ଠାରେ ତୁମେ ଆସ ନୀତି।
ପ୍ରଭୁଙ୍କ ନିକଟେ ମୋର ଏତିକି ମିନତୀ
ଦୀର୍ଘାୟୁ କରନ୍ତୁ ତୁମକୁ ଦେଇ ଯଶକୀର୍ତ୍ତି।

*—ସତ୍ୟନାରାୟଣ ରଥ,*
*ରଥପୁରୁଷୋତ୍ତମପୁର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଲିଭିଯାଉଛି ଶୈଶବର ହସ



ବୟସ ହସି ଖେଳି ବୁଲିବାର। ହେଲେ ଭାଗ୍ୟ ଖେଳିଛି ସେମାନଙ୍କ ସହ ବଡ଼ ଦାରୁଣ ଖେଳ। ବୁଝିବା ଶୁଝିବା ବୟସ ହେବା ପୂର୍ବରୁ ଛଡ଼େଇ ନେଇଛି ସେମାନଙ୍କ ଉପରୁ ବାପାମା'ଙ୍କ ହାତ । ନା ଅଛି ସେ ସ୍ନେହବୋଳା ପଣତକାନି, ନା ବାପାଙ୍କ ସାହସଭରା କାନ୍ଧ । ଝୁଣ୍ଟି ପଡ଼ିଗଲେ ଆହା ପଦେ କହିବାକୁ ବି କେହି ନାହିଁ ଏମାନଙ୍କର। ଦାରୁଣ ଅଦୃଶ୍ୟ ଭୂତାଣୁ ତ ଛଡ଼େଇ ନେଇଛି ସେମାନଙ୍କ ନିରୀହ ନିଷ୍ପାପ ଓଠରୁ ହସ...

**ଆଠବର୍ଷର ଭଉଣୀ କାନ୍ଧରେ ଦେଢ଼ମାସର ଭାଇ:** ଆଠ ବର୍ଷର କଅଁଳ ଝିଅ କ୍ରିଷ୍ଣା। କ'ଣ ବା ସେ ଦୁନିଆ ବିଷୟରେ ଜାଣେ। ଖାଲି ସେ ଏତିକି ବୁଝିଛି ଯେ, ତା' ବାପା ମା' ଯେଉଁଠିକୁ ଚାଲି ଯାଇଛନ୍ତି, ସେଠୁ ସେମାନେ ଆଉ କେବେ ବି ଫେରିବେ ନାହିଁ। ତେଣୁ ନିଜ ଦେଢ଼ ମାସର ଭାଇର ଦାୟିତ୍ୱ ଏବେ ତା'ର। କାନ୍ଧରେ ପକାଇ ତାକୁ ବୁଲଉଛି। ଭୋକରେ କାନ୍ଦିଲେ କ୍ଷୀର ବୋତଲ ପାଟିରେ ଦେଉଛି। ଆଉ କହି ବୁଲୁଛି ମୁଁ ମୋ ଭାଇକୁ ଲାଳନପାଳନ କରି ବଡ଼ କରିବି। ଏମିତି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳୁଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନିମାତପୁର ଗାଁରେ। କଣ୍ଢେଇ ଖେଳିବା ବୟସରେ କ୍ରିଷ୍ଣା ବୁଝିପାରିଛି ଦୁନିଆର ବାସ୍ତବତାକୁ । ଭାଇକୁ ଦୋଳିରେ ଶୁଆଇ ଦେଇ ଆଖି ଛଳଛଳ ହୋଇ ନାନାବାୟା ଗୀତ ଗାଇ ଶୁଣାଉଛି। ଆଉ ଯେବେ ମା' ବାପାଙ୍କ କଥା ମନେପଡୁଛି ଘରେ ଏକୁଟିଆ ବସି ଗୁମୁରି ଗୁମୁରି କାନ୍ଦୁଛି। କୁନି ଝିଅର କଷ୍ଟ ଓ ଦୁଃଖ ଜେଜେମା', ଜେଜେବାପା, ବଡ଼ମା' ଓ ବଡ଼ବାପା ସହି ନ ପାରି ଆଖି ମଳି ମଳି ପଣତକାନି ଓ ଗାମୁଛାରେ ଲୁହ ପୋଛୁଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନିମାତପୁର ଗାଁର ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ପଣ୍ଡାଙ୍କ ବଡ଼ପୁଅ ଦେବାଶିଷ ପଣ୍ଡା ଘରେ ରହି କାମଦାମ କରନ୍ତି। ସାନପୁଅ କମଳେଶ ପଣ୍ଡା (୩୮) ଭୁବନେଶ୍ୱର ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ ଓ ତାଙ୍କ ପତ୍ନୀ ସ୍ମିତା ପଣ୍ଡା (୨୮) କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଷ୍ଟାଫ୍‌ନର୍ସ ଭାବେ କାମ କରୁଥିଲେ। ତେଣୁ କ୍ରିଷ୍ଣାର ଦେଖାଶୁଣା କରୁଥିଲେ ସ୍ମିତାଙ୍କ ବଡ଼ଭଉଣୀ ସୁମତି। ଭୁବନେଶ୍ୱର ସେଣ୍ଟ୍ରାଲ ସ୍କୁଲରେ ଷ୍ଟାଣ୍ଡାର୍ଡ ଥ୍ରୀରେ ପଢୁଥିବା କ୍ରିଷ୍ଣାର ଆଉ ଏକ ଭାଇ କି ଭଉଣୀ ହେବାର ଥାଏ। ଗର୍ଭବତୀ ଥାଇ ମଧ୍ୟ ମା' ସ୍ମିତା ହସ୍ପିଟାଲ ଯାଇ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ଏମିତିରେ ୯ ମାସ ହୋଇଗଲା। ପ୍ରସବ ସମୟ ପାଖେଇ ଆସୁଥାଏ। କିନ୍ତୁ ଗତ ଏପ୍ରିଲ ୮ ତାରିଖରେ ସେ ଅସୁସ୍ଥ ଅନୁଭବ କଲେ। କୋଭିଡ୍ ଟେଷ୍ଟ କରିବା ପରେ ସେ ପଜିଟିଭ୍ ଥିବା ଜଣାପଡ଼ିଲା। ସମ୍ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ୧୫ ତାରିଖ ଦିନ ସେଠାରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ। ନବଜାତ ଶିଶୁର କରୋନା ପରୀକ୍ଷଣ କରିବାରୁ ତା'ର କରୋନା ନ ଥିବା ଜଣାପଡ଼ିଲା। କିନ୍ତୁ ସ୍ମିତାଙ୍କ ସ୍ଥିତି ଗମ୍ଭୀର ହୋଇଯାଇଥିଲା। ତାଙ୍କୁ ସମ୍‌ରୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଗଲା। ହେଲେ ମେ ୨ ତାରିଖ ସେ ସମସ୍ତଙ୍କୁ ଛାଡ଼ି ଆଖି ବୁଜିଲେ। ପତ୍ନୀ ଆଖି ବୁଜିବା ପରେ ସ୍ୱାମୀ କମଳେଶ ଅତ୍ୟନ୍ତ ଭାଙ୍ଗି ପଡ଼ି ଦୁଇ ପିଲାଙ୍କୁ ଧରି ନିଜ ଗାଁକୁ ଫେରି ବଡ଼ଭାଉଜ ଓ ଭାଇଙ୍କୁ ପିଲା ଦୁଇଙ୍କୁ ସମର୍ପି ଦେଇଥିଲେ। ଏହାପରେ କରୋନାର କରାଳ ଗ୍ରାସରୁ ସେ ମଧ୍ୟ ବାଦ୍ ପଡ଼ି ନ ଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାକୁ ଲାଗିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଶେଷରେ ସେ ବି ଜୁନ୍ ୯ ତାରିଖରେ ଆରପାରିକୁ ଚାଲିଗଲେ। ଏମିତି ଜଣେ ପରେ ଜଣେ ଚାଲିଗଲା ପରେ ଘର ଲୋକ ଭାଙ୍ଗି ପଡ଼ିଲେ। କମଳେଶଙ୍କ ବୃଦ୍ଧ ମାତାପିତାଙ୍କ ସହିତ ପରିବାରର ସମସ୍ତଙ୍କ କାନ୍ଦ ବୋବାଳିରେ ଗାଁ ଫାଟି ପଡୁଥିଲା। ଆଉ ଗାଁ ଲୋକ ପାଲଟି ଯାଇଥିଲେ ନିସ୍ତବ୍ଧ।

କମଳେଶଙ୍କ ବଡ଼ଭାଇ ଦେବାଶିଷ ପଣ୍ଡା ଲୁହଭିଜା ଆଖିରେ କୁହନ୍ତି, ନିରୀହ ଛୁଆ ଦୁଇଟିକୁ ଦୟାକରି କେହି ଅନାଥ କୁହ ନାହିଁ। ସାନଭାଇ ପିଲାମାନଙ୍କୁ ଆମ ହାତରେ ଟେକି ଦେଇ ଯାଇଛି ସେମାନେ ମୋ' ପୁଅଝିଅ। ବୃଦ୍ଧ ପିତା ରାମନାରାୟଣଙ୍କ ପାଟିରେ ତ ଭାଷା ନାହିଁ। ଖାଲି ଯାହା ନୀରବରେ ସବୁ ଶୁଣୁଛନ୍ତି। ଘର ବାରଣ୍ଡାରେ ବସି ବୋହୂପୁଅଙ୍କ ଅଭୁଲା ସ୍ମୃତିର କଥାକୁ ମନେପକାଇ ଭାରସାମ୍ୟ ହରାଇ ଭୋ ଭୋ କାନ୍ଦି ସମସ୍ତଙ୍କୁ ସାହାଯ୍ୟ ପାଇଁ ନିବେଦନ କରୁଛନ୍ତି। ଏଇ ଦୁଃଖଦ ଘଟଣା ସମୟରେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ମୃତ ଦମ୍ପତିଙ୍କ ଘରକୁ ଯାଇ ପରିବାରକୁ ସମବେଦନା ଜଣାଇବା ସହିତ ଦୁଇପିଲାର ଭବିଷ୍ୟତ ଦାୟିତ୍ୱ ସେ ନିଜେ ବୁଝିବେ ବୋଲି କହିଛନ୍ତି। ତା' ସହିତ ରେଡ଼କ୍ରସରୁ ୧୦ହଜାର ଟଙ୍କା ଓ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାର ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି। ସରକାରୀ ସାହାଯ୍ୟ ବ୍ୟତୀତ ରେଳବିଭାଗ ପକ୍ଷରୁ ଦୁଇ ନାବାଳକ ପିଲାଙ୍କ ନାମରେ ୧୦ଲକ୍ଷ କରି ୨୦ଲକ୍ଷ ଟଙ୍କା ଅନୁକମ୍ପା ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବା ସହିତ ପିଲା ବଡ଼ ହେଲେ ଜଣଙ୍କୁ ରେଳବାଇରେ ଚାକିରି ଦେବାର ପ୍ରତିଶ୍ରୁତି ପରିବାର ପକ୍ଷକୁ ଦିଆଯାଇଥିବା କୁହାଯାଉଛି। ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ନବଜ୍ୟୋତି ପଟ୍ଟନାୟକଙ୍କ ବିଚାର ବିମର୍ଷରେ ଭୋଗରାଇ କଂଗ୍ରେସ ଶାଖାର ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଶିଶୁପୁତ୍ରର ଖାଦ୍ୟ ଖର୍ଚ୍ଚ ବାବଦରେ ନଗଦ ୧୧ହଜାର ଟଙ୍କା, ୪ବର୍ଷ ପର୍ଯ୍ୟନ୍ତ ଦୁଇଜଣଙ୍କୁ ଖାଦ୍ୟ ଯୋଗାଇ ଦେବା, ଗ୍ରାଜୁଏଟ ପର୍ଯ୍ୟନ୍ତ ଭଉଣୀଭାଇଙ୍କୁ ପାଠ ପଢ଼ାଇବା, ୧୬ବର୍ଷ ପର୍ଯ୍ୟନ୍ତ ଉଭୟଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରାଯାଇଛି। କ୍ରିଷ୍ଣା ଓ ତା' କୁନି ଭାଇ ପାଇଁ ଏବେ ବହୁ ସାମାଜିକ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ସାହାଯ୍ୟର ହାତ ବଢ଼ିବାରେ ଲାଗିଛି।





**ଏକା ହୋଇଗଲା ୧୪ ମାସର ରାନୀ:** ଦୁନିଆ କ'ଣ ଜାଣିନାହିଁ, କି ଛନ୍ଦ କପଟ ନାହିଁ। ଏତେ ବଡ଼ ଦୁନିଆରେ ଏକା ଅଛି, ତାହା ବି ଜାଣି ନାହିଁ। ଡାକିଦେଲେ ଖିଲି ଖିଲି ହସୁଛି। ଆଉ ଯିଏ ଡାକି ଦେଉଛି, ତା' କୋଳକୁ ହସି ହସି ଚାଲିଯାଉଛି। ଭୋକ ଲାଗିଲେ କିନ୍ତୁ ମା' କୋଳ ଖୋଜୁଛି। ମା'କୁ ନ ପାଇ କାନ୍ଦୁଛି। ଆଉ ମାମୁ ଘର ଲୋକ କୁନି ଝିଅକୁ ଭୁଲାଇ ଦେଇ ଖାଇବାକୁ ଦେଉଛନ୍ତି। ଯେତେ ଭୁଲେଇଲେ ବି ମଝିରେ ମଝିରେ ତା'ର ନିରୀହ ଆଖି ଦୁଇଟି ମା' ଓ ବାପାଙ୍କୁ ଖୋଜୁଛି। ସେମାନଙ୍କୁ ନ ପାଇ ପୁଣି କାନ୍ଦୁଛି। ଖାଲି ମା' ବାପା ନୁହନ୍ତି ଜେଜେମା' ବି ଏ ଦୁନିଆରେ ଆଉ ନାହାନ୍ତି ବୋଲି ସେ ଜାଣି ନାହିଁ। ଏଭଳି ହୃଦୟ ବିଦାରକ ଦୃଶ୍ୟ ଅନୁଗୋଳ ଜିଲାର ବଅଁରପାଳ ବ୍ଲକ କୁକୁଡ଼ାଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ୧୪ ମାସର କୁନି ଝିଅ ମିଷ୍ଟୀ ଦେହୁରୀ(ରାନୀ)କୁ ଏକା ଛାଡ଼ି ବାପା, ମା' ଓ ଜେଜେମା' ଡକାଡକି ହୋଇ ଆରପାରିକୁ ଚାଲିଯାଇଛନ୍ତି। ଏବେ ବାପା ଓ ମା'ର ସ୍ନେହ ମାଉସୀ କୋଳରେ ସେ ପାଉଛି।

ବହୁ ଦିଅଁ ଦେବତାଙ୍କୁ ପୂଜାର୍ଚ୍ଚନା କରି ବିବାହର ସାତବର୍ଷ ପରେ ମଳୟ ବସନ୍ତ ଦେହୁରୀ ଓ ସୌଦାମିନୀଙ୍କ କୋଳକୁ ଆସିଥିଲା ରାନୀ। ତେଣୁ ସେ ଥିଲା ସେମାନଙ୍କ ହୃଦୟର ଟୁକୁଡା। ଗତ ଏପ୍ରିଲ ମାସରେ ରାନୀ ଏକବର୍ଷର ହେଲା। ତା'ର ପ୍ରଥମ ଜନ୍ମଦିନ ପାଳିବା ଲାଗି କାନ୍ଥରେ ବେଲୁନ୍, ଜନ୍ମଦିନର ଷ୍ଟିକର ଲଗାଇ ଘରକୁ ସୁନ୍ଦରଭାବେ

→

ସଜାଯାଇଥିଲା। ରାନୀ ପରିବାର ଓ ମାମୁଘର ଲୋକ ମିଶି ପାଳିଥିଲେ ଏଇ ଖାସ୍‌ଦିନକୁ। ହେଲେ ଏଇ ଖୁସିକୁ ଯେମିତି କାହାର ନଜର ଲାଗିଗଲା। ଦିନ କେଇଟା ଭିତରେ ପରିବାରର ଜଣକ ପରେ ଜଣେ ଅଦୃଶ୍ୟ ଭୂତାଣୁ କବଳରେ କବଳିତ ହେଲେ। ପ୍ରଥମେ କୁକୁଡ଼ାଙ୍ଗ ଗ୍ରାମ ତଥା ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ବାପା ମଳୟଙ୍କର କୋଭିଡ୍ ପଜିଟିଭ ଥିବା ଜଣାପଡ଼ିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଏହାପରେ ରାନୀଙ୍କ ମା' ସୌଦାମିନୀ ଅସୁସ୍ଥ ହେଲେ। ତେଣୁ ଉଭୟ ମା' ଓ ଝିଅ(ରାନୀ)ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଦୁହେଁ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଦୁହିଁଙ୍କର ଚିକିତ୍ସା ଚାଲିଥିବାବେଳେ ଜେଜେମା' ମାଳତୀ ଦେହୁରୀ ମଧ୍ୟ କରୋନା ପଜିଟିଭ ଚିହ୍ନଟ ହେଲେ। ୩ ଜଣଙ୍କର ଚିକିତ୍ସା ଚାଲିଥାଏ। ଏହି ସମୟରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇ ରାନୀଙ୍କର ମା' ସୌଦାମିନୀଙ୍କର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଗଲା। ସମସ୍ତେ ଦୁଃଖରେ ଭାଙ୍ଗିପଡ଼ିଲେ। ଏତିକିରେ ଦୁଃଖ ସରିଲାନି। ଦଇବ ଦାଉ ସାଧିଲା ପରି ସୌଦାମିନୀଙ୍କ ମୃତ୍ୟୁର ଠିକ୍ ୭ ଦିନ ପରେ ଅର୍ଥାତ୍ ଗତ ୧୪ ତାରିଖରେ ବାପା ମଳୟ ଓ ଜେଜେମା' ମାଳତୀ ମଧ୍ୟ କରୋନା ଯୁଦ୍ଧରେ ହାରିଯାଇ ଆରପାରିକୁ ଚାଲିଗଲେ। ଏହାର ଏକ ବର୍ଷ ପୂର୍ବେ ରାନୀଙ୍କ ଜେଜେ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ପରିବାରର ସମସ୍ତେ ଜଣକ ପରେ ଜଣେ ଚାଲିଗଲେ। ଏକୁଟିଆ ରହିଗଲା ରାନୀ। କରୋନାରୁ ସିନା ବଞ୍ଚିଗଲା। ହେଲେ ହୋଇଗଲା ସମ୍ପୂର୍ଣ୍ଣ ଏକା। ଅନ୍ୟପକ୍ଷରେ ରାନୀର ଦାଦା ମଧ୍ୟ କରୋନାରେ କବଳିତ ହୋଇ ଘରେ ରହି ଚିକିତ୍ସିତ ହେଉଛନ୍ତି। ତେଣୁ ଅନାଥ ହୋଇଯାଇଥିବା ଶିଶୁଟିକୁ କୋଳେଇ ନେଲେ ମାମୁଘର ଲୋକେ। ଦୁର୍ଭାଗ୍ୟ ଯେମିତି ରାନୀର ପିଛା ଛାଡ଼ିବାକୁ ନାରାଜ। ଏବେ ତା'ର ଅଜା ଓ ଆଈ ମଧ୍ୟ କରୋନାରେ ସଂକ୍ରମିତ ହୋଇଛନ୍ତି। ଅଜା ଘରେ ରହି ଚିକିତ୍ସା ହେଉଥିବାବେଳେ ଆଈ କିନ୍ତୁ ବଅଁରପାଳସ୍ଥିତ ଇଏସ୍‌ଆଇ କରୋନା ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆଉ ରାନୀର ଲାଳନ ପାଳନ କରୁଛନ୍ତି ତା'ର ଅବିବାହିତ ମାଉସୀ। ମାଉସୀ ନୁହେଁ ସେ ମା' ବାପାର ସ୍ନେହ ଦେବାକୁ ରାତିଦିନ ଏକ କରି ଦେଉଛନ୍ତି। ଛାତିରେ ଛାତିଏ କୋହ ଧରି ରାନୀକୁ ଛାତିରେ ଜାବୁଡ଼ି ଧରି ତା'ର ଯତ୍ନ ନେଉଛନ୍ତି। ଏଣେ ମା' ବାପାଙ୍କ ନେଇ ବି ଭାରି ଭୟରେ ଅଛନ୍ତି ସେ। ଖାଲି ଭଗବାନ ଭରସା କରିଛନ୍ତି ବୋଲି ସେ କହନ୍ତି। ଏଇ ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆଖିରୁ ନିଦ ହଜି ଯାଇଛି। ରାନୀ ପାଇଁ ସମସ୍ତଙ୍କ ମନରେ ଦରଦ। ତା' ଭବିଷ୍ୟତ ପାଇଁ ସମସ୍ତେ ଚିନ୍ତିତ। ପ୍ରଶାସନ ବି ରାନୀ ପାଇଁ ଆଗେଇ ଆସିଛି। ପ୍ରଶାସନିକ କର୍ତ୍ତୃପକ୍ଷ ରାନୀର ମାମୁ ଘର ଓ ପୈତୃକ ଘରକୁ ଗସ୍ତ କରି ସମବେଦନା ଜଣାଇଛନ୍ତି। ରାନୀକୁ କିଭଳି ଭାବେ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେନେଇ ବ୍ୟବସ୍ଥା କରିବାକୁ କହିଛନ୍ତି। ସେହିଭଳି ଭାରତ ସରକାରଙ୍କ ବାଲ୍ ସ୍ୱରାଜ ପୋର୍ଟାଲରେ ନାମ ମଧ୍ୟ ସ୍ଥାନିତ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଭଳି କି ଆଗାମୀ ଦିନରେ ବି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସାହାଯ୍ୟ ଓ ସହଯୋଗ ଶିଶୁକୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି।



ମାଉସୀଙ୍କ ସହ ରାନୀ



ରାନୀର ବାପା-ମା'



କୁନି ଭାଇ ସହ କ୍ରିପ୍ସା



କ୍ରିପ୍ସାର ବାପା-ମା'

**୮ ଦିନ ବ୍ୟବଧାନରେ ଚାଲିଗଲେ ବାପା ମା':** 'ମା' ବାପା ଆଉ ଆମେ ୨ ଭଉଣୀ ମିଶି ବେଶ୍ ହସ ଖୁସିରେ ଚଳୁଥିଲୁ। ମା' ନିଜ ହାତରେ ଖୁଆଇ ଦେଉଥିଲେ। ବାପା ଯାହା କହିଲେ ଆଣୁଥିଲେ। ହେଲେ ଏବେ ଆମ ଅଳି ଅଝଟ ଶୁଣିବାକୁ କେହି ନାହାନ୍ତି ବୋଲି କୋହଭରା କଣ୍ଠରେ କହନ୍ତି, ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ଗୁଡ଼ିଆ ବନ୍ଧ ଗ୍ରାମର ୨ ଯାଆଁଳା ଭଉଣୀ। କରୋନାରେ ଏମାନେ ହରାଇଛନ୍ତି ଉଭୟ ବାପା ଓ ମା'ଙ୍କୁ। ହୋଇଯାଇଛନ୍ତି ସମ୍ପୂର୍ଣ୍ଣ ଏକା। ଗିରିଶ ସୁନା ମୁଦି ଓ ଜ୍ୟୋତିଙ୍କର ଏହି ଦୁଇ ଝିଅ। ଗିରିଶଙ୍କ ଚଳଣି ସେତେ ଭଲ ନ ଥିଲା। ତେଣୁ ବାଧ୍ୟ ହୋଇ ପତ୍ନୀଙ୍କୁ ଧରି ହାଇଦ୍ରାବାଦ ଚାଲିଯାଇଥିଲେ ଦାଦନ ଖଟିବାକୁ। ଆଉ ଦୁଇ ଝିଅଙ୍କୁ ଛାଡ଼ି ଦେଇଥିଲେ ମାମୁଘରେ। ତେବେ କରୋନା ଲାଗି ଲକ୍‌ଡାଉନ୍ ହୋଇ କାମଧନ୍ଦା ବନ୍ଦ ହୋଇଯିବାରୁ ଦୁହେଁ ଗାଁକୁ ଫେରୁଥିଲେ। କିନ୍ତୁ ଘରେ ପହଞ୍ଚିବା ପୂର୍ବରୁ ଏପ୍ରିଲ ୨୯ରେ ରାୟଗଡ଼ା ଷ୍ଟେସନରେ ଦୁଇ ଝିଅଙ୍କ ବାପା ଗିରିଶ ଅସୁସ୍ଥ ହୋଇଗଲେ। ଆଉ ସେଇ ଷ୍ଟେସନ୍‌ରେ ହିଁ ତାଙ୍କର ମୃତ୍ୟୁ ହୋଇଗଲା। ମା' ଜ୍ୟୋତି ମଧ୍ୟ ଅସୁସ୍ଥ ଅନୁଭବ କରୁଥିବାରୁ ତାଙ୍କୁ ଜେକେ କୋଭିଡ୍ ହସ୍‌ପିଟାଲ ନେଇ ଚିକିତ୍ସା କରାଗଲା। ସେ କୋଭିଡ ପଜିଟିଭ ଥିବା ଜଣାପଡ଼ିଲା। ସେହି ହସ୍‌ପିଟାଲରେ ମୃତ ଗିରିଶଙ୍କର ବି କୋଭିଡ୍ ଟେଷ୍ଟ କରାଯାଇଥିଲା। ଆଉ ସେ କୋଭିଡ୍ ପଜିଟିଭ ଥିଲେ ବୋଲି ଜଣାପଡ଼ିଲା। ଏଣେ ଜ୍ୟୋତିଙ୍କ ସ୍ଥିତି ଖରାପ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନିଆଗଲା। ହେଲେ ମେ ୬ ତାରିଖରେ ସ୍ୱାମୀଙ୍କ ମୃତ୍ୟୁର ୮ ଦିନ ପରେ ଜ୍ୟୋତି ବି ଚାଲିଗଲେ। ଏବେ ୧୧ ବର୍ଷିୟା ଯାଆଁଳା ଭଉଣୀ ପାୟଲ ସୁନା ମୁଦି ଓ ପାବନୀ ସୁନା ମୁଦି ହୋଇଯାଇଛନ୍ତି ଅନାଥ। ଗୁଣପୁରରୁ ୧୨ କିମି ଦୂର ଡମ୍ବସରାରେ ଥିବା ମାମୁ ଉତ୍ତମ ଚୌଧୁରୀଙ୍କ ଘରେ ରହୁଛନ୍ତି। ଆଉ ଡମ୍ବସରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। ତାଙ୍କ ପାଠ ପଢ଼ା ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଜିଆଇଇଟିର ଅଧ୍ୟକ୍ଷ ସତ୍ୟ ପଣ୍ଡା। ଇଚ୍ଛା ମୁତାବକ ସେମାନେ ଚାହିଁଲେ ଓଡ଼ିଆ କିମ୍ବା ଇଂଲିଶ ମିଡିୟମରେ ପଢ଼ିପାରିବେ ବୋଲି ସେ କହିଛନ୍ତି। ଆଉ ପାଠପଢ଼ାର ସମସ୍ତ ଖର୍ଚ୍ଚ ଜିଆଇଇଟି ବହନ କରିବ ବୋଲି ପ୍ରକାଶ କରିଛନ୍ତି।

**ଏବେ ଜେଜେମା' ଭରସା:** ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ରୁହନ୍ତି ପ୍ରଭାତି ଦାସଙ୍କ ପରିବାର। ଖୁବ୍ କମ୍ ବୟସରୁ ସେ ସ୍ୱାମୀଙ୍କୁ ହରାଇଥିଲେ। ଅନ୍ତରର କଷ୍ଟ ଚାପି ବହୁ କଷ୍ଟରେ ଦୁଇ ପୁଅଙ୍କୁ ବଡ଼ କଲେ। ହେଲେ ଏଇ କରୋନା ତାଙ୍କ ଉପରେ ଲଦି ଦେଲା ଆଉ ଏକ ମସ୍ତବଡ଼ ଦୁଃଖର ପାହାଡ଼। ସାନପୁଅ ତରୁଣ ଗତବର୍ଷ କୋଭିଡ୍‌ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲା। ପୁଅକୁ ହରାଇ ଭାଙ୍ଗିପଡ଼ିଥିବା ପ୍ରଭାତି, ଅଭାଗିନୀ ବୋହୂକୁ ସମ୍ଭାଳି ଦୁଇ ନାତୁଣୀ ଓ ଗୋଟିଏ ନାତିର ମୁହଁ ଚାହିଁ ବଞ୍ଚିବାକୁ ଚେଷ୍ଟା କରୁଥିଲେ। ହେଲେ ଚଳିତ ବର୍ଷ କୋଭିଡ୍‌ର ଦ୍ୱିତୀୟ ଲହରରେ ବୋହୂ ବି କୋଭିଡ୍‌ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ପରିଣତ ବୟସରେ ଏଭଳି ଦୁଃଖକୁ ସେ ସମ୍ଭାଳି ପାରୁ ନାହାନ୍ତି। ତଥାପି ନିରୀହ ନିଷ୍ପାପ କୁନି କୁନି ନାତି ନାତୁଣୀଙ୍କ ମୁହଁ ଚାହିଁ ଅଣ୍ଟା ସଳଖି ଛିଡ଼ା ହେବାକୁ ବାଧ୍ୟ ହେଉଛନ୍ତି। ନାତି ନାତୁଣୀଙ୍କୁ କିଭଳି ବଡ଼ କରିବେ, କେମିତି ପାଠ ପଢ଼େଇବେ ସେ ନେଇ ଚିନ୍ତା କରି କରି ପିଲାଙ୍କୁ ଧରି ବାହୁନି କାନ୍ଦୁଛନ୍ତି। ପ୍ରଭାତିଙ୍କ ବଡ଼ ପୁଅ କରୋନାରେ ରୋଜଗାର ହରାଇଛନ୍ତି। ତେଣୁ ସେ ବି ଭାବିପାରୁ ନାହାନ୍ତି ପିଲାଙ୍କ ଲାଳନପାଳନ କେମିତି କରିବେ। ଏମିତିରେ ଘଟଣା ସମ୍ପର୍କରେ ଜାଣିବା ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ତାଙ୍କ ଘରକୁ ଗସ୍ତ କରି ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩୦ ହଜାର ଟଙ୍କା ପ୍ରଦାନ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ସହଯୋଗ ଯୋଗାଇ ଦିଆଯିବ ବୋଲି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବଳୀ ରୁଦ୍ରନାରାୟଣ ସାହୁ କହିଛନ୍ତି।



ପୁଷ୍ପଲତାଙ୍କ ବାପା



ପୁଷ୍ପଲତା

**ବାପା ମା' ଛେଉଣ୍ଡ ହେଲେ ୩ ଭାଇଭଉଣୀ:** ମୋ ଗୁହାରି ଟିକେ ଶୁଣ, ମୋ ନାତି ନାତୁଣୀଙ୍କ ପାଇଁ ଦୟାକର ବୋଲି ନିବେଦନ କରୁଛନ୍ତି ଭଦ୍ରକ ଜିଲା ତିହିଡ଼ି ନନ୍ଦପୁର ଗ୍ରାମର ଏକ ବୃଦ୍ଧ ଦମ୍ପତି। କାରଣ ମହାମାରୀ ଉଜାଡ଼ି ଦେଇଛି ତାଙ୍କ ସୁଖଦୁଃଖର ସଂସାରକୁ। ଅଦୃଶ୍ୟ ଭୂତାଣୁ ଛଡାଇ ନେଇଛି ତାଙ୍କଠୁ ତାଙ୍କର ଏକମାତ୍ର ପୁଅ ମନୋଜକୁ। ଏହାର ଠିକ ଗୋଟିଏ ବର୍ଷ ପୂର୍ବେ କରୋନାର ପ୍ରଥମ ଲହରବେଳେ କେଉଁ ଅଜଣା ରୋଗରେ ବୋହୂ ବି ଆରପାରିକୁ ଚାଲିଯାଇଥିଲା। ଫଳରେ ତିନି ନାତି ନାତୁଣୀ ହୋଇ ଯାଇଛନ୍ତି ଅନାଥ। ନା ଦେହରେ ଅଛି ବଳ ନା ଅଛି ରୋଜଗାର। ଏମିତିରେ ଅନାଥ ତିନି ନାତି ନାତୁଣୀ (ଗୋଟିଏ ନାତି ଓ ଦୁଇ ନାତୁଣୀ)ଙ୍କୁ କିଭଳି ଲାଳନପାଳନ କରିବେ ଭାବିପାରୁ ନାହାନ୍ତି ସେମାନେ। ଆଉ ସରକାରଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଆକୁଳ ନିବେଦନ କରୁଛନ୍ତି। ବୃଦ୍ଧ ଶୁକଦେବଙ୍କ ଏକ ମାତ୍ର ରୋଜଗାରିଆ ପୁଅ ମନୋଜ ଅଟୋ ଚଳାଇ ପରିବାର ଭରଣପୋଷଣ କରୁଥିଲେ। ଯେନତେନ

→



ଭଦ୍ରକ, ତିହିଡି ନନ୍ଦପୁର ଗ୍ରାମର ତିନି ଅନାଥ ଶିଶୁ



ପାୟଲ ଓ ପାବନୀଙ୍କ ବାପା-ମା'



ଜାଆଁଳା ଭଉଣୀ ପାୟଲ- ପାବନୀ







ପ୍ରକାରେ ସଂସାର ଚାଲିଥିଲା। ହେଲେ କିଛିଦିନ ପୂର୍ବେ ସେ କରୋନାରେ ଆକ୍ରାନ୍ତ ହୋଇ ଭଦ୍ରକ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସା ପାଇଁ ଭର୍ତ୍ତି ହେଲେ। ସ୍ଥିତି ଗମ୍ଭୀର ହୋଇଯିବାରୁ ଚିକିତ୍ସାଧୀନ ଅବସ୍ଥାରେ ଚଳିତ ଜୁନ୍ ମାସ ୩ ତାରିଖରେ ମନୋଜଙ୍କ ମୃତ୍ୟୁ ହୋଇଗଲା। ତାଙ୍କ ମରଶରୀର ଗାଁ ଭିଟାମାଟିକୁ ବି ଆସିପାରିଲାନି। ଜିଲା ପ୍ରଶାସନ ପକ୍ଷରୁ ଶେଷକୃତ୍ୟ ସମ୍ପନ୍ନ କରାଇ ଦିଆଗଲା। ପୂର୍ବରୁ ବୋହୂ କନକଲତା ମୃତ୍ୟୁବରଣ କରିଥିବା ବେଳେ ଏବେ ପୁଅକୁ ହରାଇ ବୃଦ୍ଧ ଦମ୍ପତିଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ସନ୍ତୋଷ ମହାରଣା, ଜୟଶ୍ରୀ ପୁହାଣ ପ୍ରମୁଖ ଏହି ପରିବାର ପାଇଁ ସାହାଯ୍ୟ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷେ ମନୋଜଙ୍କ କରୋନାରେ ମୃତ୍ୟୁ ହେବା ପରେ ଏକ ସ୍ୱତନ୍ତ୍ର ଟିମ ମନୋଜଙ୍କ ଘରକୁ ଯାଇ ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ପ୍ରଦାନ କରିଛି। ଅନାଥ ହୋଇଥିବା ପିଲାଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ କହିଛନ୍ତି।

**କରୋନା ଛଡ଼ାଇ ନେଲା ମା'କୁ, ଦୂରେଇ ଦେଲା ବାପାଙ୍କୁ :** ଖୁଣ୍ଟୁରା ବ୍ଲକ ଅର୍ଶଳା ଗ୍ରାମର ୧୪ ବର୍ଷ ବୟସର ପୁଷ୍ପଲତା ପ୍ରଧାନ। ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ବାପା ଓ ମା'ଙ୍କ ଏକମାତ୍ର ଝିଅ। ଖୁବ୍ ଗେହ୍ଲାରେ ବଢ଼ିଥିଲେ। ବାପା ଅମିତ ବଚନ ପ୍ରଧାନ ଜଣେ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ବେଶ୍ ଖୁସିରେ ଚାଲିଥିଲା ତାଙ୍କ ପରିବାର। ତେବେ ହଠାତ ମା' ଝରଣା ପ୍ରଧାନଙ୍କ ଦେହ ଅସୁସ୍ଥ ହେଲା। ମେ ୨୭ ତାରିଖରେ ଜଣାପଡ଼ିଲା ସେ କୋଭିଡ୍ ପଜିଟିଭ। କେନ୍ଦୁଝର ଆଣି ରାଙ୍କିସ୍ଥିତ କୋଭିଡ୍ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଗଲା। ପୁଷ୍ପଲତା କହନ୍ତି, "ମା'କୁ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ବାପା ଯାଇଥିଲେ। ଆମେ ଅପେକ୍ଷାରେ ଥିଲୁ ବାପା ଆସିଲେ ମା' ବିଷୟରେ ପଚାରି ବୁଝିବୁ, ସେ କେମିତି ଅଛି। ହେଲେ ସମୟ ଗଡି ଚାଲିଲା ସିନା ବାପା ଫେରିଲେନି। କେଉଁଆଡେ ଚାଲିଗଲେ ଆଜିଯାଏ ଠିକଣା ମିଳିପାରିଲା ନାହିଁ। ଘରେ ମୁଁ ସେତେବେଳେ ଏକୁଟିଆ ଥିଲି। ଖୁବ୍ ନିଃସହାୟ ହୋଇଯାଇଥିଲି। ଏହି ସମୟରେ ପଡ଼ୋଶୀ ମୋ' ଦେଖାରଖା କରୁଥିଲେ। ବାପାଙ୍କ ନିଖୋଜ ହେବା ନେଇ ଗାଁ ଲୋକେ ଥାନାରେ ଏତଲା ଦେଇଥିଲେ। ଏଭଳିସ୍ଥିତିରେ ହଠାତ୍ ମେ ୩୧ରେ ମା'ଙ୍କ ଦେହାନ୍ତ ହୋଇଗଲା। ଦୁଃଖର ପାହାଡ଼ ଯେମିତି ମୋ ଉପରେ ଲଦି ହୋଇଗଲା। ଦୂର ଦୂର ପର୍ଯ୍ୟନ୍ତ ଆଖି ପହଁରେଇ ଆଣିଲେ ବି କେହି ମୋର ନିଜର ନ ଥିଲେ। ଏକୁଟିଆ କେମିତି ବଞ୍ଚିବି ଭାବିଲେ ସବୁକିଛି ଅନ୍ଧାର ଲାଗୁଛି। ମୋର କେହି ସମ୍ପର୍କୀୟ ବି ନାହାନ୍ତି। ଯିଏ କି ମତେ ସାହାରା ଦେଇପାରିବେ। ଖାଲି ଆଶା ଟିକେ ରଖିଛି କାଳେ ବାପା ଫେରି ଆସିବେ।" ଏବେ ପୁଷ୍ପଲତା ପଡ଼ୋଶୀ ତ୍ରିଲୋଚନ ନାୟକଙ୍କ ପାଖରେ ରହୁଛନ୍ତି। ତାଙ୍କ ଦେଖାରଖା ଓ ପାଠପଢ଼ା ଖର୍ଚ୍ଚ ପାଇଁ ସରକାରୀ ସହାୟତା ଲାଗି ସ୍ଥାନୀୟ ନିବାସୀ ତରୁଣ ନାୟକ ନିବେଦନ କରିଛନ୍ତି।

## କୋଭିଡ୍‌ରେ ଅନାଥ ହୋଇଥିବା ପିଲାଙ୍କ ପାଇଁ ଯୋଜନା

**ଆଶୀର୍ବାଦ ଯୋଜନା–** ରାଜ୍ୟ ସରକାରଙ୍କର ଏହି ଯୋଜନା ଅନୁସାରେ ଉଭୟ ମା' ବାପା ହରାଇଥିବା ପିଲାଙ୍କୁ ଭରଣପୋଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦକୁ ମାସିକ ୨୫୦୦ ଟଙ୍କା ପିଲାଙ୍କ ଦାୟିତ୍ୱ ନେଉଥିବା ଆତ୍ମୀୟଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ। ମୁଖ୍ୟ ଉପାର୍ଜନକାରୀ ବାପା କିମ୍ବା ମା'ଙ୍କୁ ହରାଇଥିଲେ ମାସକୁ ୧୫୦୦ ଟଙ୍କା ବଞ୍ଚିଥିବା ମା' କିମ୍ବା ବାପାଙ୍କ ଖାତାରେ ଜମା କରାଯିବ। ୨୦୨୦ ଏପ୍ରିଲ ୧ ଠାରୁ କୋଭିଡ୍‌ରେ ଅନାଥ ହୋଇଥିବା ଶିଶୁଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଏହି ଆର୍ଥିକ ସାହାଯ୍ୟ ମିଳିବ। ତେବେ କେହି ସେହି ପିଲାଙ୍କୁ ପୋଷ୍ୟଭାବେ ଗ୍ରହଣ କଲେ ଆଉ ସହାୟତା ଦିଆଯିବ ନାହିଁ। ଏଥିରୁ ଯେମିତି କୌଣସି ଅନାଥ ପିଲା ବଞ୍ଚିତ ନ ହୁଅନ୍ତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ପିଲାମାନେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ। ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାଙ୍କୁ ଜାତୀୟ ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ। ମା'ବାପାଙ୍କ ମୃତ୍ୟୁ ପୂର୍ବରୁ ପିଲା ଯେଉଁସ୍କୁଲରେ ପଢୁଥିଲେ ସେଠାରେ ପଢ଼ା ଜାରି ରଖିପାରିବେ। ଦାୟିତ୍ୱ ନେଉଥିବା ଆତ୍ମୀୟସ୍ୱଜନ ଯଦି ଅନ୍ୟ ସ୍ଥାନରେ ରହୁଥାନ୍ତି ତେବେ ସେଠାରେ ପଢ଼ିବାର ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ବା ସେହି ମାନର ବିଦ୍ୟାଳୟରେ ପିଲାଙ୍କ ପଢ଼ିବା ପାଇଁ ସାହାଯ୍ୟ କରାଯିବ। ଆତ୍ମୀୟସ୍ୱଜନ ଅନ୍ୟ ସ୍କୁଲରେ ପଢ଼ାଇବାକୁ ଚାହିଁଲେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଜିଲାପାଳ ସହଯୋଗ କରିବେ। ଉଚ୍ଚଶିକ୍ଷା ପାଇଁ ପିଲାଙ୍କୁ ରାଜ୍ୟ ସରକାରଙ୍କ ଗ୍ରୀନ୍ ପାସେଜ୍ ଯୋଜନାରେ ସହଯୋଗ ଯୋଗାଇ ଦିଆଯିବ। ଯୋଗ୍ୟତା ଥିଲେ ଆତ୍ମୀୟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ବିଜୁ ପକ୍କା ଘର ଯୋଜନା ମଞ୍ଜୁର କରାଯିବ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପିଲାର ଦାୟିତ୍ୱ ନେଇଥିବା ଆତ୍ମୀୟଙ୍କ ସହ ନିୟମିତ ଯୋଗାଯୋଗରେ ରହି ନଜର ରଖିବେ। ବିଜୁ ଶିଶୁ ସୁରକ୍ଷା ଯୋଜନା ଓ ଜୁଭେନାଇଲ ଜଷ୍ଟିସ୍ ଫଣ୍ଡରୁ ଆବଶ୍ୟକ ସ୍ଥଳେ ପିଲାଙ୍କୁ ସହାୟତା ମିଳିପାରିବ।

ପିଲା ଯଦି ଆତ୍ମୀୟଙ୍କ ପାଖରେ ନ ରହି କୌଣସି ଶିଶୁ ସୁରକ୍ଷା ଅନୁଷ୍ଠାନରେ ରୁହନ୍ତି, ତେବେ ପିଲାଙ୍କ ବ୍ୟାଙ୍କ ଖାତାରେ ମାସିକ ୧୦୦୦ଟଙ୍କା ୧୮ ବର୍ଷ ପର୍ଯ୍ୟନ୍ତ ଜମା ହେବ। ପିଲାର ମାଗଣା ଯତ୍ନ ଓ ଅନ୍ୟ ଦାୟିତ୍ୱ ଅନୁଷ୍ଠାନ ବହନ କରିବ। ବାପାଙ୍କ ମୃତ୍ୟୁ ପରେ ଯଦି ମା' ମଧୁବାବୁ ପେନ୍‌ସନ୍ ପାଇଁ ଯୋଗ୍ୟ ହୋଇଥାନ୍ତି ତେବେ ତାଙ୍କ ପାଇଁ ବିଧବା ଭତ୍ତା ମଞ୍ଜୁର କରାଯିବ।

ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟ୍, ଚାଇଲ୍ଡ ଲାଇନ୍ ତଥା ପଞ୍ଚାୟତସ୍ତରୀୟ କମିଟି, ବ୍ଲକ କମିଟି ଫ୍ରଣ୍ଟଲାଇନ୍ ୱାର୍କର ସିଭିଲ ସୋସାଇଟି ଜରିଆରେ ଏହି ପିଲାଙ୍କୁ ଚିହ୍ନଟ ସହ ତାଲିକା ପ୍ରସ୍ତୁତ କରାଯିବ। ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ପିଲା ବା ଦାୟିତ୍ୱ ନେଉଥିବା ଆତ୍ମୀୟ ମୃତ୍ୟୁ ପ୍ରମାଣ ପତ୍ର ସହ ଡିସିପିୟୁଙ୍କୁ ଆବେଦନ କରିପାରିବେ।


**–ଶିବାନୀ ମହାନ୍ତି**

**ତଥ୍ୟ: ପ୍ରଦୀପ ଦାସ, ଅମିତ୍ କୁମାର ସାମଲ, ଭାଗ୍ୟଶ୍ରୀ ମିଶ୍ର, ବିଜୁ ପ୍ରସାଦ ବେହେରା, ନରେଶ ଚନ୍ଦ୍ର ପଟ୍ଟନାୟକ, ଯଜ୍ଞେଶ୍ୱର ମହାନ୍ତି**



ପ୍ରଭାତି ଦାସ ଓ ତିନି ଅନାଥ ଶିଶୁଙ୍କୁ ଭେଟିବାକୁ ଆସିଥିବା ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ





# ସଙ୍ଗୀତ: ପଢିଲେ କବିତା ଗାଇଲେ ଗୀତ

**ପ୍ରାୟ ୬ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟଧରି ତାଙ୍କର ସାହିତ୍ୟ, ସଙ୍ଗୀତ, ଭଜନ, ନାଟକ ଓ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ରହିଛି ସ୍ୱତନ୍ତ୍ର ପରିଚୟ । ଲୋକକଳା, ଲୋକନୃତ୍ୟକୁ ନେଇ ଗୀତଲେଖିବା ଓ ରୂପଦେବାରେ ସେ ସିଦ୍ଧହସ୍ତ ...**

ଅଭିମାନିନୀ ଏ ଅମାନିଆ ଢେଉ.... । ମା' ତୁମେ ମମତାର ସୀମାହୀନ ସାଗର... ପୁଣି ତୁଳସୀ ଚଉଁରା ମୂଳେ ଜାଳି ସଞ୍ଜବତି, ଏତିକି ମିନତି କରେ ମା'ବୃନ୍ଦାବତୀ.. । ଏମିତି ଏକାଧିକ ଚଳଚ୍ଚିତ୍ର ସଙ୍ଗୀତର ସେ ଗୀତିକାର । ପ୍ରାୟ ୬ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟଧରି ତାଙ୍କର ସାହିତ୍ୟ, ସଙ୍ଗୀତ, ଭଜନ, ନାଟକ ଓ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ରହିଛି ସ୍ୱତନ୍ତ୍ର ପରିଚୟ । ଲୋକକଳା, ଲୋକନୃତ୍ୟକୁ ନେଇ ଗୀତଲେଖିବା ଓ ରୂପଦେବାରେ ସେ ଜଣେ ଭିନ୍ନମଣିଷ । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ ସମେତ ବହୁ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ସଚ୍ଚି ମହାନ୍ତି। ଜନ୍ମ ୧୯୪୭ ମସିହା ଜୁଲାଇ ୧୯ରେ। ପିତା-ବିଚିତ୍ରାନନ୍ଦ ମହାନ୍ତି। ମା' କୁସୁମ କୁମାରୀ ଦେବୀ। ଘର କଟକ ଜିଲାର ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାଇଲୋନୂଆଗାଁ ଶାସନରେ। ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି, ପିଲାଦିନେ ସ୍କୁଲ ବୟସରେ ଶୁଣିଥିଲି ମୋର ଜଣେ ଜନ୍ମକଲା ମା 'ଆଉ ଜଣେ ପାଳିତ 'ମା। ଗାଁ ସ୍କୁଲରେ ୨ୟ ଶ୍ରେଣୀରେ ପଢ଼ିଲି। ପରେ କଟକ ନୂଆବଜାର ହାଇସ୍କୁଲରେ ମାଟ୍ରିକ ଯାଏ ପଢ଼ିଥିଲି। କିନ୍ତୁ ସ୍କୁଲ ପଢ଼ା ବୟସରେ ରେଡ଼ିଓରୁ ଗୀତ ଶୁଣେ। ଘରେ ଲୁଚେଇଲୁଚେଇ ଗୀତ ଲେଖୁଥିଲି। ଥରେ ସ୍କୁଲର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରାରମ୍ଭିକ ସାମୂହିକ ସଙ୍ଗୀତ (କୋରସଗୀତ)ଲେଖିବାକୁ ମତେ ସ୍କୁଲର ପ୍ରଧାନଶିକ୍ଷକ କହିଥିଲେ । ଏଥିପାଇଁ ଗୀତଟିଏ ଲେଖିଥିଲି। ସେହି ଗୀତଟି ଆଦୃତ ହୋଇ ଖୁବ୍ ପ୍ରଶଂସିତ ହୋଇଥିଲା। ଏହାଥିଲା ମୋର ପ୍ରଥମ ସଙ୍ଗୀତ। ହେଲେ ଗୀତ ଲେଖୁଥିବାରୁ ସେତେବେଳେ ପରିବାରଲୋକ ମୋ ସାହିତ୍ୟକୃତିକୁ ପସନ୍ଦ କରୁନଥିଲେ। ଏଥିଯୋଗୁ ବାଧ୍ୟହୋଇ ଘରୁ ବାହାରି ଆସିଲି। ଗୀତ ଲେଖାପାଇଁ ସଙ୍ଗୀତ ନିର୍ଦ୍ଦେଶକ ଜି-ନାରାୟଣ ରାଓଙ୍କ ଠାରୁ ପ୍ରେରଣା ପାଇଛି। ସେତେବେଳେ କଟକରେ କେତେଜଣ ପ୍ରଯୋଜକ ମାନଙ୍କ ସହିତ କଥାହୋଇ ସିନେମା ପାଇଁ ଗୀତଟିଏ ଦେବାକୁ ଇଚ୍ଛା କରିଥାଏ ମାତ୍ର ମୁଁ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ ଗୀତିକାର ହୋଇନଥିବାରୁ ସେମାନେ ମୋ ଗୀତକୁ ବିଚାରକୁ ନେଉନଥିଲେ । ପରେ ଭୁବନେଶ୍ୱର ଆସିଲି ବହୁଅସୁବିଧା ହେତୁ ରେଲପ୍ଲାଟଫର୍ମରେ ରାତିରେ କିଛିଦିନ ରହିଲି। ଦିନସାରା ଘୂରିବୁଲେ। ଏମିତିରେ ଅନେକ କଣ୍ଠଶିଳ୍ପୀ ଓ କଳାକାର ମାନଙ୍କସହିତ ପରିଚୟ ହୋଇଥିଲା। କିନ୍ତୁ ଭୁବନେଶ୍ୱରରେ ରହିବା ଭିତରେ ଦିନେ ଆମ ଗାଁର ଜଣେ ପିଲା ମତେ ଦେଖିକି ଗାଁକୁ ଯିବାପାଇଁ କହିଥିଲା। ହେଲେ ଘରର ପରିସ୍ଥିତି ଯୋଗୁ ଯାଇ ନ ଥିଲି। ସମୟକ୍ରମେ ଏକ ଚାକିରି ଖୋଜିଲି। ପାରିଜାତ ପ୍ରେସରେ କିଛିଦିନ ଚାକିରି କଲି। ସେତେବେଳେ ୩୦୦ଟଙ୍କା ଦରମା ମିଳୁଥିଲା। ସେତିକିରେ ଚଳୁଥିଲି। ଥରେ ବିଭୁରଞ୍ଜନ ମହାନ୍ତି ଏକ ସିନେମା ପାଇଁ ମତେ ସୁଯୋଗ ଦେଇଥିଲେ। କିନ୍ତୁ ମତେ ଦିନେ ଯିଏ କହୁଥିଲେ ରେଡ଼ିଓର ଗୀତିକାର ଭାବେ ସ୍ୱୀକୃତି ପାଇଥିବା ଗୀତିକାରଙ୍କ ଗୀତ ନିଆଯିବ ହେଲେ ସେ ହିଁ ଦିନେ ମତେ ଗୀତିକାର ଭାବେ ପୁରସ୍କାର ଦେଇଥିଲେ। ଆଉ ଗୋଟିଏ କଥା ସେତେବେଳେ ଗୀତ ଲେଖିବାକୁ ନିର୍ଦ୍ଦିଷ୍ଟ କେତେଜଣ ଗୀତିକାର ବାହାରି ଥିଲେ। ଗୋଟିଏ ଗୀତ ଲେଖିବା ପୂର୍ବରୁ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭକରି କଣ୍ଠଶିଳ୍ପୀ, ପ୍ରଯୋଜକ ଆଦି ସମସ୍ତଙ୍କୁ ନେଇ କାହାଣୀର ପରିସ୍ଥିତିକୁ ନଜରରେ ରଖି ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଗୀତଲେଖା ହେଉଥିଲା। ଲୋକକଥାରୁ କଥାକୁ ନେଇ ବହୁ ଗୀତିକବିତା ଲେଖେ। ଆମ ସମୟରେ ଯାହା ଥିଲା ଏବେ ତାହା ନାହିଁ । ଆଜିକାଲି ଗୀତକଥା ଟିକେ ଅଲଗା । ମୋ ଗୀତକୁ ଶେଖର ଘୋଷ, ଶ୍ରୀକାନ୍ତ ଦାଶ, ମହମ୍ମଦ ହବ୍‌ବଙ୍କ ସମେତ ଅନେକ ଜଣାଶୁଣା କଣ୍ଠଶିଳ୍ପୀ ଗାଇଛନ୍ତି। ଏବେ ବି ଜୀବନର ସଂଘର୍ଷପଥରେ ଲଢ଼େଇ ଜାରିରଖିଛି। ଦୁଃଖ ପାଇଁ ଦୁଃଖ ନାହିଁ, ମାତ୍ର ମଣିଷଙ୍କଠାରେ ମଣିଷପଣିଆ ରହୁ। ୧୯୮୫ରେ କାଚଘର, ୧୯୮୭ରେ ଧର୍ମଯୁଦ୍ଧ,୧୯୯୭ରେ କଳାମାଣିକ, ସୌଭାଗ୍ୟବତୀ, ସୁକଆସୁଚି, ବାଜେବଇଁଶୀ ନାଚେ ଘୁଙ୍ଗୁର ଆଦି ସିନେମାରେ ଗୀତ ଲେଖିଛି। ୨୦୨୦ରେ 'ଓଡ଼ିଶାରେ ଗାନ୍ଧୀ', ସେହିପରି ଜଙ୍ଗଲର ସାଥୀ, ଆତଙ୍କ, ସମ୍ପର୍କ, ସପନର ପଥେ ପଥେ, ବାଃବାଃରେ କ୍ୟାପିଟାଲ ଆଦି ଧାରାବାହିକ ପାଇଁ ସଂଳାପ ଏବଂ ଗୀତ ଲେଖିଛି । ଯାତ୍ରାନାଟକ- 'ସତୀ ତୁଳସୀ', 'ଭାଗବତରେ ତୋ ଭାଗ୍ୟ ଜଳୁଛି' ଏମିତି ପ୍ରାୟ ୧୦ଖଣ୍ଡ ବହି ଲେଖିଛି। ମୋର ଆଧୁନିକ ଗୀତ-ରାଜକୁମାରୀ ଚିରକୁମାରୀ,ସ୍ୱପ୍ନକୁମାରୀ ମନକୁମାରୀ ଟିକେ ରହିଯାଆନା। ଯାହାକୁ ଗାଇଥିଲେ ବ୍ରଜଜେନା ଓ ବନବିହାରୀ ଜେନା। ଲେଖିଥିବା ଗୀତ ବହି- 'ଅପରାହ୍ନର ଛାଇ'କୁ ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଛି। ଉତ୍କଳ ସାହିତ୍ୟ ସମାଜ, ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀପରିଷଦ, ଓଡ଼ିଆ ଯୁବଲେଖକ ସମ୍ମେଳନ, ପଞ୍ଚମବେଦ,ଜଗତ୍‌ସିଂହପୁର ସାହିତ୍ୟସଂସଦ ଆଦି ଶତାଧିକ ଅନୁଷ୍ଠାନରୁ ପୁରସ୍କୃତ ହୋଇଛି। ଆକାଶବାଣୀର ଶ୍ରେଷ୍ଠ ସଙ୍ଗୀତରୂପକ ରଚନା କ୍ଷେତ୍ରରେ ପୁରସ୍କୃତ ହୋଇଥିଲି। ଗୁରୁ ଗୀତିକାର ଭାବେ ଏକ ମିଡ଼ିଆହାଉସ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ମୋର ୩ ଝିଅଙ୍କ ବିବାହ କାର୍ଯ୍ୟ ସରିଛି। ଏବେ ବୟସର ଅପରାହ୍ନରେ ମୋ ପତ୍ନୀଙ୍କ ସହିତ ରହୁଛି। ଲେଖାଲେଖି ଅଭ୍ୟାସ ରହିଥିବାରୁ ଗୀତ ଲେଖିବା ଜାରି ରଖିଛି। ମୋ ମତରେ ସଙ୍ଗୀତ ହେଉଛି ଶବ୍ଦର ଫୁଲମାଳ-ଯାହାକୁ ପଢ଼ିଲେ କବିତା, ଗାଇଲେ ଗୀତ।

-ବନବିହାରୀ ବେହେରା








## ମାଆ

ଭବାନୀ ଭୂୟାଁ

ରାତି ପାହିଲେ ଆଠ ଥାଳି
ଭୋକ।
ତୋତେ ମୁଁ ଦେଖିଛି
ତୁ କେମିତି ଚାଙ୍ଗୁଡ଼ା ଧରି
ଶଗଡ଼ ଗୁଳାରୁ ଧାନ ଗୋଟାଉ
ଗୋଟେ ପରେ ଗୋଟେ।

କେହି ନ ଜାଣିଲେ ବି
ମୁଁ ଜାଣିଛି ମା,
ତୁ କେମିତି ପେଯ କଂସାଟାକୁ
ଲୁଚେଇ ରଖୁ
ଗାଈକୁ ଦେବା ବାହାନାରେ।
କେହି ନ ଥିଲା ବେଳେ
ଲୁଚି ଲୁଚି ପିଇ ଦେଉ।
ମୁଁ କିନ୍ତୁ ଦେଖିଛି,
ଲୁଚି ଲୁଚି।
ତୋ ଝିଅ କି ନା।

ମୁଁ ଦେଖିଛି ମା'
ଶୂନ୍ୟ ଉପରେ ଠିଆ ହୋଇ
ଲୁଗା କାନିକୁ ଅଣ୍ଟାରେ ଗୁଡ଼େଇ
ତୁ କିପରି
ଆକାଶକୁ ଶିଡ଼ି ଗଢୁ ।

ଯେତେବେଳେ କାମସାରି
କାନିରେ ଝାଳ ପୋଛେ
ତୋରି ବାସ୍ନା ପାଏ,
ତୋତେ ହିଁ ପାଏ  ଦେହ ସାରା
ତୋ ବାସ୍ନା ଚହଟୁଥାଏ।

ଜାଣେ
ତୁ ମୋ ଭିତରେ ହିଁ ଅଛୁ
ମୋ ଲୁହରେ, ମୋ
ଅସହାୟତାରେ
ମୋ ଶୂନ୍ୟ ଥାଳିରେ।
ମୋ ଆଖି ଲମ୍ବିଥିବା
ରାସ୍ତାର ଶେଷ ସୀମା ଯାଏ।
ତୁ ଅଛୁ ମାଆ , ତୁ ଅଛୁ।

*-ମାସୀର ହୋଟେଲ,*
*ସ୍ୱର୍ଗଦ୍ୱାର, ପୁରୀ*
*ମୋ:୯୩୪୮୫୬୩୫୧୦*

# ଆଖି ଯେବେ କଥା କୁହେ

-ଲକ୍ଷ୍ମଣ କୁମାର

ତା' ସହ ଦେଖାହେଲେ ମୋର ଓଠପାଟି ଅଠାଅଠା ଲାଗେ। ଜିଭ ଲଟକିଯାଏ। ଭୋକ ଶୋଷ ବୁଡ଼ିଯାଏ। କ'ଣ କହିବି କହିବି ହୁଏତ ପାରେନି। ପାଦ ଥରେ। ହୃଦକମ୍ପନ ବଢ଼ିଯାଏ ଅୟୁତଗୁଣ। ସେ ଜାଣିପାରେ କି କଅଣ ମୋ' ଅବସ୍ଥା... ବୋଧେ ଭାରି ମଜା ନିଏ ଭିତରେ ଭିତରେ। ଯେପରି କି ତା'ର ନୀଳ ଆଖି ଦୁଇଟି ନୀରବତା ଭିତରେ କହିଉଠନ୍ତି। କିଏ କହୁଥିଲା ତୁମକୁ ମୋତେ ଚାହିଁବାକୁ।

: ଆଖିରେ ଆଖିରେ ତମେ ତ କହିଦେଉଛ ସବୁ। କିଛି କଥା ଶବ୍ଦରେ କୁହ। ମୋ' ଆଖି ଦୁଇଟି କୁହନ୍ତି।

ଶବ୍ଦ ଆଉ କ'ଣ ଦରକାର ଯେ... ତା' ଆଖି କୁହେ।

ତୁମ ଆଖି ଦୁଇଟି ହରିଣୀ ଆଖି। ଜାଣିଚ। ମୁଁ କୁହେ।

ସେ କିଛି କହେନା। ତା' ଓଠରୁ ଟୋପେ ଗୋଲାପ ରଙ୍ଗର ସ୍ମିତ ଝରିଲେ ମୋର ଲକ୍ଷେ ଜନ୍ମର ଅବସୋସ ନିର୍ବାପିତ ହୋଇଯାଏ।

ତୁମେ ଆହୁରି ନିଃଶବ୍ଦ ପାଲଟିଯାଅ, ମୋର କିଛି ଅଭିଯୋଗ ନାହିଁ ଫୁଲର ପରୀ ମୋର। କିନ୍ତୁ ତୁମ ଆଖି ଦୁଇଟିକୁ ନିଃଶବ୍ଦ କରିବନି କେବେ ବି। ମୋର ସେତିକି ମାଗୁଣି।

ଏ କଥା ସତେ ଯେ ଗଙ୍ଗଶିଉଳିର ଏଇ ସଞ୍ଜ ସବୁରେ କେତେ ଫୁଲ ଫୁଟିଉଠେ, ମୁଁ ଯେ ପରଦେଶୀ ଏକା ଏକା ବାଟ ଚାଲୁଥାଏ। ରାତିରେ କାକର ଝରେ। ଜହ୍ନ ଝରେ। ମହୁ ଝରେ। ନିଦରେ ମୋ' ଆଖିର ସ୍ୱପ୍ନ ଝରେ ଆଉ ମିଶିଯାଏ ତା' ଆଖିର ସ୍ୱପ୍ନରେ। ଯେତେବେଳେ ସେ ଆଉ ମୁଁ ଥାଉ ସ୍ୱପ୍ନରାଜ୍ୟରେ। ଖୁବ୍ ଦୂରରେ ଛିଡ଼ା ହୋଇଥାଏ ଏକଲା ଖଜୁରିଗଛଟି। କ୍ରମଶଃ ଜହ୍ନ ବୁଡ଼ିଯାଉଥାଏ ଓ ତା' କିରଣରେ ମୋ' ଛାଇ ଲମ୍ୱିଯାଉଥାଏ। ଲିଭିଆସୁଥାନ୍ତି ତାରା ସବୁ। ଶୁକ୍ର ତାରାଟି ଦପ୍ ଦପ୍ ଜଳୁଥାଏ ତଥାପି। ମୋତେ ଲାଗେ ଅନିଚ୍ଛାରେ ବୁଡୁଥାଏ ଜହ୍ନ। ଲିଭୁଥାନ୍ତି ତାରା। ଓ ମୁଁ କ୍ରମଶଃ ନିର୍ଲିପ୍ତ ଆକାଶ ପାଲଟୁଥାଏ।

ପାହାନ୍ତା ହୁଏ। ଓ ଆଶ୍ଚର୍ଯ୍ୟ ସେ ପାଲଟିଯାଇଥାଏ ଗଙ୍ଗଶିଉଳି ଗଛଟେ। ଏଇ ଚୋର, ଆଉ ଆକାଶ ହୁଅନି। ଏଥର ମୋ' ପାଖକୁ ଆସ। ସେ ମଧୁର ସ୍ୱରରେ କୁହେ।

ସେତେବେଳେ ଗଙ୍ଗଶିଉଳି ଗଛତଳେ ଝରିପଡ଼ିଥିବା ତା' ଆଖିର ସ୍ୱପ୍ନଫୁଲ ସବୁକୁ ମୁଁ ଗୋଟାଉଥାଏ। ସେ ହସେ ଖିଲିଖିଲି ହେଇ।

ଇସ୍, କେତେ କିରଣ ତୁମ ମୁହଁ ସାରା। ମୁଁ କହେ। ସେତେବେଳେ ସୁନାର କିରଣ ବିଚ୍ଛୁରିତ ହେଇପଡ଼ିଥାଏ ସାରା ଦିଗବିଦିଗ।

ସେ ଗଙ୍ଗଶିଉଳି ଗଛଟେ ହୋଇ ଛିଡ଼ା ହେଇଥାଏ ସେମିତି।

ମୁଁ କହେ: ମୁଁ କିଛି ହିଁ ଲୋଡ଼େନା ପରୀ। ବିଶ୍ୱାସ କର। କିଛି ଲୋଡ଼େନା। ଖାସ ତୁମ ପାଇଁ ପାଗଳ ହେବାକୁ ମୋତେ ଟିକେ ଅନୁମତି ଦିଅ। ଜୀବନ ସାରା ଏମିତି ହିଁ ପାଗଳ ଥିବି। ଆଉ ପାଗଳପଣରେ ହିଁ ସ୍ୱର୍ଗ ଛୁଇଁବି।

: ଓ କେ... ପାଗଳ। ସେ କହିଲା।

ଓଃ... ଯେମିତିକି ସାରା ଆକାଶରୁ ଝରିପଡ଼ିଲା କେତେ ନିୟୁତ ଗୋଲାପ ପାଖୁଡ଼ା।

*-'ଦିଗବଳୟ'*
*ଲେଣ୍ଡା, ବରପାଲି, ବରଗଡ଼*
*ମୋ: ୯୪୩୯୦୪୦୯୩୭*

## ପ୍ରୀତି

ପୂରୁବ ଆକାଶ ନାଲି ଦିଶିଲାଣି
ଅରୁଣିମା  ଉଇଁ ଆସେ
ମନ ଆକାଶରେ ପ୍ରୀତିର ସୁରୁଜ
ଆଖିକୁ ଲୋଭିଲା ଦିଶେ।

-ଭରତ ଚନ୍ଦ୍ର ଦାଶ
ମାର୍କୋଣା , ବାଲେଶ୍ୱର
ମୋ: ୯୪୩୭୩୭୨୧୬୬



ଜୁନିୟର ଏନ୍‌ଟିଆର

# ସ୍ପେଶାଲ ବାର୍ଥ ଡେ

ତେଲୁଗୁ ସିନେମା ଇଣ୍ଡଷ୍ଟ୍ରିର ଅନ୍ୟତମ ପରିଚିତ ଅଭିନେତା ହେଲେ ଜୁନିୟର ଏନ୍‌ଟିଆର। ଇତିମଧ୍ୟରେ ସେ ବଡ଼ ପରଦାରେ ୭ବର୍ଷ ପୂରଣ କରିଛନ୍ତି। ନିକଟରେ ନିଜ ଜନ୍ମଦିନ ଅବସରରେ ନିଜ ଅଭିନୟ କ୍ୟାରିୟରର ମଧୁର ସ୍ମୃତିକୁ ବଖାଣିବାକୁ ସେ ଭୁଲି ନ ଥିଲେ। ଏ ସମ୍ପର୍କରେ ସେ କହନ୍ତି, ‘‘ମୋର ପ୍ରତିଟି ବାର୍ଥ ଡେ’କୁ ମୁଁ ସ୍ପେଶାଲ ଭାବରେ ନେଇଥାଏ। ମୁଁ ସବୁବେଳେ ଅଭିନୟକୁ ଗୁରୁତ୍ୱ ଦେଇଥାଏ। ମୋର ଆକ୍ଟିଂକୁ ଦର୍ଶକ ଗ୍ରହଣ କରିଛନ୍ତି ଏବଂ ସେଥିପାଇଁ ଆଜି ପର୍ଯ୍ୟନ୍ତ ମୁଁ ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି। ଦର୍ଶକ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାର ଋଣ ମୁଁ କଦାପି ଶୁଝିପାରିବି ନାହିଁ।’’ ଏବେ ଜୁନିୟର ଏନ୍‌ଟିଆରଙ୍କ ହାତରେ ଏକ ବିଗ୍ ବଜେଟ୍ ସିନେମା ରହିଛି, ଯାହାର ଟାଇଟଲ ହେଲା ‘ଆରଆରଆର’। ତାଙ୍କ ବ୍ୟତୀତ ଏସ.ଏସ. ରାଜମୌଲିଙ୍କ ଏହି ଫିଲ୍ମରେ ରାମ୍ ଚରଣ, ଆଲିୟା ଭଟ୍ଟ, ଅଜୟ ଦେବଗନ, ଓଲିଭିୟା ମୋରିସ ଏବଂ ଶ୍ରେୟା ସରନ୍ ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟିର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଭୁଲି ପାରୁନାହାନ୍ତି କଙ୍ଗନା

କଙ୍ଗନା ଏବେ ଗୋଟିଏ ସିନେମା ଶୁଟିଂ ସମୟର ଘଟଣାବଳୀଗୁଡ଼ିକୁ ମନେ ପକାଉଛନ୍ତି। ସେହି ସମୟରେ ସାଥୀ କଳାକାରଙ୍କ ସହ ସେ ଯେଉଁ ସମୟ କଟାଇଛନ୍ତି ତାହାକୁ କଦାପି ଭୁଲିପାରିବେ ନାହିଁ। ହଁ, ସିନେମାଟି ହେଲା ‘ଥାଲାଇଭି’। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ଅଭିନେତ୍ରୀ ଜୟଲଲିଥାଙ୍କ ଜୀବନୀ ଉପରେ ଏହି ସିନେମାଟି ପ୍ରସ୍ତୁତ କରାଯାଇଛି। ୨୦୧୯ ଫେବୃୟାରୀ ୧୪ ହେଉଛି ଜୟଲଲିଥାଙ୍କ ଜନ୍ମ ବାର୍ଷିକୀ ଦିନ ଉକ୍ତ ସିନେମାର ଶୁଟିଂ ଆରମ୍ଭ ହୋଇଥିଲା। ପାଖାପାଖି ବର୍ଷେ ଧରି ଏହାର ଶୁଟିଂ ଚାଲିବା ପରେ ଶେଷ ହୋଇଛି। ଏହି ବାୟୋପିକ୍ ଚଳିତବର୍ଷ ଏପ୍ରିଲ ୨୩ରେ ରିଲିଜ ହୋଇଥାଆନ୍ତା। ହେଲେ କରୋନାର ଦ୍ୱିତୀୟ ଲହର ପାଇଁ ରିଲିଜ ଡେଟ୍ ସ୍ଥଗିତ ରହିଥିଲା। ଏବେ ଉକ୍ତ ସିନେମା ଚଳିତବର୍ଷ ଅଗଷ୍ଟରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ତେବେ ଏ ନେଇ ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ଏ ନେଇ କଙ୍ଗନା କହନ୍ତି, ‘ଏବେ ତ କରୋନାର ଦ୍ୱିତୀୟ ଲହର ପ୍ରାୟ ନିୟନ୍ତ୍ରଣକୁ ଆସିଲାଣି। ଏଥିରେ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଯାହା ଆଶା ରଖିଛି ପ୍ରେକ୍ଷାଳୟଗୁଡ଼ିକ ଶୀଘ୍ର ଖୋଲିଯିବ। କାରଣ ମୋର ଡ୍ରିମ୍ ଫିଲ୍ମ ‘ଥାଲାଇଭି’ ରିଲିଜ ଅପେକ୍ଷାରେ ରହିଛି।’ ଏହି ସିନେମାଟି ତାମିଲ, ତେଲୁଗ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହୋଇଛି। ହେଲେ ତାମିଲ ଭାଷାରେ ନିର୍ମିତ ଫିଲ୍ମକୁ ନିକଟରେ ସେନସର ବୋର୍ଡ ପକ୍ଷରୁ ‘ୟୁ’ (ୟୁନିଭର୍ସାଲ) ସାର୍ଟିଫିକେଟ୍ ଦିଆଯାଇଛି।



କଙ୍ଗନା



ରାନୀ ପ୍ରିୟଦର୍ଶିନୀ

# କେବଳ ଅପେକ୍ଷା

କଥାରେ ଅଛି, ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଦେଖୁନାହାନ୍ତି, ହାତରେ ଦୁଇଟି ଅଫର ରହିଛି ଏବଂ ସେହି ସିନେମାଦ୍ୱୟର ଶୁଟିଂ ଆରମ୍ଭ ହୋଇସାରନ୍ତାଣି। ହେଲେ କରୋନା ପାଇଁ ତାହା ସ୍ଥଗିତ ରହିଛି। ତେଣୁ ଏ ନେଇ ଅପେକ୍ଷା କରିଛନ୍ତି ରାନୀ ପ୍ରିୟଦର୍ଶିନୀ। କେବଳ ସେତିକି ନୁହେଁ, ଅଭିନୟ ସହ ଆଉ ଏକ ଜିନିଷରେ ମନୋନିବେଶ କରିଛନ୍ତି ଏହି ଅଭିନେତ୍ରୀ। ତାହା ହେଲା ସମାଜସେବା। ଏ ସମ୍ପର୍କରେ ରାନୀ କହନ୍ତି, ‘‘ପାଠ ପଢ଼ିବା ଦିନଠାରୁ ମୁଁ ସମାଜସେବା ସହ ଜଡ଼ିତ। କେଉଁ ବ୍ୟକ୍ତି ଅସୁବିଧାରେ ପଡ଼ିଲେ ତାଙ୍କୁ ମୋ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ, ବନ୍ୟା, ବାତ୍ୟା ସମୟରେ ଏହାଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ନିକଟରେ ମୁଁ ପହଞ୍ଚିଯାଇଥାଏ। ନିକଟରେ ବାଲେଶ୍ୱରରେ ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବାକୁ ସେମାନଙ୍କ ନିକଟରେ ମୁଁ ପହଞ୍ଚିଥିଲି। ଏଥିରୁ ମୋତେ ଯେଉଁ ଆନନ୍ଦ ମିଳେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ।’’ ବେଶ୍ କେତୋଟି ଆଲବମ୍‌ରେ ଅଭିନୟ କରିସାରିଛନ୍ତି ରାନୀ। ଆଲବମ୍ କୁଇନ୍ ଭାବରେ ପରିଚିତା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘କଟି ପତଙ୍ଗ’। ତା’ପରେ ‘ହାଏ ମୋ ଦିଲ୍’ ସିନେମାରେ ମଧ୍ୟ ସେ ଆକ୍ଟିଂ କରିସାରିଛନ୍ତି।



# କୁଲ୍ କୁଲ୍ ଆଲିୟା

ମହେଶ ତନୟା ଆଲିୟା ଭଟ୍ଟ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ନୀରବ ରହିବା ପଛରେ ଏକ କାରଣ ରହିଛି ବୋଲି ଆଲୋଚନା ହେଉଛି। ପ୍ରଥମ କଥା ହେଲା ନିର୍ମାଣାଧୀନ ହିନ୍ଦୀ ସିନେମା ‘ବ୍ରହ୍ମାସ୍ତ୍ର’ର ଶୁଟିଂ ଶେଷ ହୋଇପାରୁନାହିଁ। ୨୦୧୮ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା। ବେଶ୍ କିଛି ଉତ୍‌ଥାନ ପତନ ମଧ୍ୟରେ ଚିତ୍ରଟିର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ଏହାର ୟୁନିଟ୍ ବୁଦାପେଷ୍ଟରେ ଡେରା ପକାଇଛନ୍ତି। ଏହାର ଅନ୍ତିମ ପର୍ଯ୍ୟାୟ ଶୁଟିଂ ସେଠାରେ ଚାଲୁ ରହିଛି ଏବଂ ଏହି ଥର ହିଁ ପ୍ୟାକ୍ ଅପ ହେବ ବୋଲି ସବୁ କଳାକାର ଆଶା ରଖିଛନ୍ତି। ସେପଟେ କୁଲ୍ କୁଲ ଆଲିୟା ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶା ରଖିଛନ୍ତି। ଏହି ଫିଲ୍ମରେ ଆଲିୟାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର କପୁର। ତା’ସହ ଅମିତାଭ ବଚ୍ଚନ, ମୌନି ରୟ ଏବଂ ତେଲୁଗୁ ସୁପରଷ୍ଟାର ନାଗାର୍ଜୁନ ଏଥିରେ ଅଭିନୟ କରୁଛନ୍ତି। କରନ୍ ଜୋହରଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଆର୍ଯ୍ୟନ ମୁଖାର୍ଜୀ।



ଅନନ୍ୟା

# ଆଶାରେ ଅନନ୍ୟା

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଯେଉଁ ଫିଲ୍ମର ସଫଳତାକୁ ନେଇ ସେ ଆଶା ବାନ୍ଧି ବସିଛନ୍ତି ତାହା କରୋନା ପାଇଁ ରିଲିଜ ହୋଇପାରୁନାହିଁ। ଏହି ସିନେମାଟିର ପ୍ରଯୋଜନା କରିଛନ୍ତି ବଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ କରନ୍ ଜୋହର ଏବଂ ଏହାର ଟାଇଟଲ ରହିଛି ‘ଲିଗର’। ଯେହେତୁ ବର୍ତ୍ତମାନ ପ୍ରେକ୍ଷାଳୟ ବନ୍ଦ ରହିଛି, ତେଣୁ ଏହି ଫିଲ୍ମଟି ଓଟିଟି ଫର୍ମାଟରେ ମୁକ୍ତିଲାଭ ହେବାର ଯୋଜନା ରହିଛି। ଏ ନେଇ ପ୍ରଯୋଜନା ସଂସ୍ଥାକୁ ଏକ ଓଟିଟି ସଂସ୍ଥା ୨୦୦ କୋଟିର ଅଫର ଦେଇଛନ୍ତି ବୋଲି ଆଲୋଚନା ହେଉଛି। ତେବେ ଏହି ଫିଲ୍ମଟି ଯେଉଁଠି ରିଲିଜ ହେଲେ ମଧ୍ୟ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ଅନନ୍ୟା। ଏ ସମ୍ପର୍କରେ ସେ କହନ୍ତି, ‘‘ଏହି ଫିଲ୍ମର କାହାଣୀ ବେଶ୍ ବଳିଷ୍ଠ। ଏଥିରେ ମୋ ଅପୋଜିଟ୍ ଅଛନ୍ତି ତାମିଲ ଷ୍ଟାର ବିଜୟ ଦେବରକୋଣ୍ଡା। ଫିଲ୍ମଟିର କାହାଣୀକୁ ଏହାର ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ତା’ସହ ଏଥିରେ ଅଭିନୟ କରିଥିବା କଳାକାରମାନେ ନିଜ ନିଜ ଭୂମିକାର ସଫଳତା ପାଇଁ ଯେଉଁ ପରିଶ୍ରମ କରିଛନ୍ତି ତାହାର ଫଳ ନିଶ୍ଚୟ ମିଳିବ ବୋଲି ଆଶା ରହିଛି।’’ ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ଲୁଚି ଲୁଚି ଆସି ସପନ ରାଣୀ, ଇସାରାରେ ନେଲା ମନକୁ କିଣି

**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ମୋ ସପନରେ ଆସୁଛି। ସେ କେତେବେଳେ ମୋ ମନକୁ ଚୋରି କରିନେଇଛି ଜାଣିପାରୁନାହିଁ। ଯଦି ତା' ସହ କେବେ ଦେଖାହୁଏ ତେବେ ସେ ମୋର ପ୍ରେମିକା ହେବ ତ ? *–ଜିତେନ୍ଦ୍ର, ବାଲେଶ୍ୱର*

**ଉତ୍ତର:** 'ଲୁଚି ଲୁଚି ଆସି ସପନ ରାଣୀ, ଇସାରାରେ ନେଲା ମନକୁ କିଣି।' ଏହାବ୍ୟତୀତ ଆପଣଙ୍କ ପ୍ରଶ୍ନର ଉତ୍ତର ସମୟ ହିଁ କହିବ। କାରଣ ଏବେ ଆପଣ ଯେଉଁ ରାଇଜରେ ଭାସି ବୁଲି ପ୍ରେମରେ ମସ୍‌ଗୁଲ ଅଛନ୍ତି ତାହା ଏକ ଅବାସ୍ତବ ରାଜ୍ୟ। ଅର୍ଥାତ୍ ସପନ ଆଉ ବାସ୍ତବତା ଭିତରେ ଆକାଶ ପାତାଳ ତଫାତ। ହେଲେ ବେଳେ ବେଳେ ସପନ ସତରେ ପରିଣତ ହୁଏ। ଯେଉଁ ସପନର ରାଣୀ ଆପଣଙ୍କୁ ଘାଇଲା କରିଛି ସେ ଯଦି ମିଳିଯାଏ ତା'ପରେ ତାକୁ ମନର ରାଣୀ କରିବେ କି ନାହିଁ ଚିନ୍ତା କରିବେ। ଏମିତି ଭାବନାରାଜ୍ୟରେ ବୁଲି ଚିନ୍ତା କଲେ ସେଥିରୁ ଯେ ସୁଫଳ ମିଳିବ ତାହା ଆଶା କରିବା ବୃଥା ପ୍ରାୟ।

**ପ୍ରଶ୍ନ**–ପ୍ରେମ ନିଶା ଥରେ ଘାରିଲେ ତାହା ସହଜରେ ଖସେ ନାହିଁ କାହିଁକି ? *–ମନୋଜ କୁମାର ଦାସ, ନବରଙ୍ଗପୁର*

**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ପ୍ରେମର ନିଶା ଭାରି ଗାଢ଼। ଏହି ନିଶା ଥରେ ମୁଣ୍ଡକୁ ଚଢ଼ିଗଲେ ତାହା ସହଜେ ଉତୁରେ ନାହିଁ। ଏହି ସମୟରେ ଦେଖି ଚାହିଁ ପାଦ ନ ପକାଇଲେ ପାଦ ଖସି ଯିବାର ଚାନ୍ସ ଅଧିକ ରହିଛି। ତେଣୁ ପ୍ରେମର ଅସଲ ମଜା ଚାଖିବାକୁ ଧୈର୍ଯ୍ୟ ଦରକାର। ତେଣୁ ଯଦି ଆପଣଙ୍କୁ ପ୍ରେମର ନିଶା ଘାରିଛି ତେବେ ଦେଖିଚାହିଁ ଆଗାନ୍ତୁ। ନ ହେଲେ କେତେବେଳେ ପାଦ ଖସି ପୁଣି ଆରମ୍ଭ ସ୍ଥାନକୁ ଫେରି ଆସିବେ ତାହା ନିଜେ ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖିଲେ ଟିକେ ହସୁଛି ପୁଣି ଟିକେ ରୁଷୁଛି। ତାକୁ କେମିତି ପଟେଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ? *–ସନ୍ତୋଷ ଦାସ, କେନ୍ଦ୍ରାପଡ଼ା*

**ଉତ୍ତର:** ସେହି ଝିଅର ହସ ଆଉ ରୁଷା ଭିତରେ ପ୍ରେମର ଅସଲ ମଞ୍ଜିଟି ରହିଛି। କେବଳ ଆପଣ ବୁଦ୍ଧି ଖଟାଇ ଜାଣିପାରିଲେ ହେଲା। ପ୍ରେମିକା ଯେ ସବୁବେଳେ ହସୁଥିବ ଆଉ ସେଥିରୁ ପ୍ରେମର ରସ ଝରୁଥିବା ତାହା ଭାବିବା ଭୁଲ। କାରଣ ପ୍ରେମିକାର ରାଗ ଆଉ ଅଭିମାନ ଭିତରେ ମଧ୍ୟ ପ୍ରେମ ଲୁଚି ରହିଥାଏ। କେବଳ ସେଗୁଡ଼ିକୁ ଅନୁଧ୍ୟାନ କଲେ ହିଁ ଆପଣ ଜାଣିପାରିବେ। ତେଣୁ ବିଳମ୍ବ ନ କରି ସେହି ଝିଅର ରୁଷା ଆଉ ହସକୁ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ବାସ୍ନା ପାଇଲେ ତେବେ ବିଳମ୍ବ ନ କରି ଧାଡ଼ି ଦେଖି ମାଡ଼ି ଯାଆନ୍ତୁ।

**ପ୍ରଶ୍ନ**–କେଉଁ ଋତୁରେ ପ୍ରେମ କଲେ ସବୁଠାରୁ ଅଧିକ ମଜା ଲାଗିଥାଏ ? *–ଦୀପକ କୁମାର, ପୁରୀ*

**ଉତ୍ତର:** ପ୍ରେମ କରୁଥିଲେ ପ୍ରେମୀଯୁଗଳଙ୍କ ପାଇଁ ସବୁ ଋତୁ ସମାନ। କାରଣ ସମସ୍ତ ଋତୁରେ ପ୍ରେମର ରଙ୍ଗ ସମାନ ରହିଥାଏ। ଆଉ ଏହା ଶତ ପ୍ରତିଶତ ନିର୍ଭର କରେ ପ୍ରେମିକା–ପ୍ରେମିକ ଉପରେ। ଯଦି ପ୍ରେମ କରୁଛନ୍ତି ତେଣୁ ଋତୁକୁ ଗୁରୁତ୍ୱ ନ ଦେଇ ନିଜ ପ୍ରେମ ମିଶନରେ କେମିତି ସକ୍‌ସେସ ହେବେ ସେ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ କରନ୍ତୁ।

**ପ୍ରଶ୍ନ**–ଏବେ ମୋତେ ଯିଏ ମନପ୍ରାଣ ଦେଇ ଭଲ ପାଉଛି ସେ ମାସକ ପୂର୍ବରୁ ମୋ ସାଙ୍ଗକୁ ଭଲ ପାଉଥିଲା। ସେପରି ଝିଅକୁ ପ୍ରେମିକା ଭାବରେ ଗ୍ରହଣ କରିବା ଠିକ୍ ହେବ କି ? –ଅଜିତ ରାଉତ, ରାଉରକେଲା

ଉତ୍ତର : ଏହା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ। କାରଣ ସେହି ଝିଅର ଇତିହାସ ବିଷୟରେ ଆପଣ ଜାଣିଛନ୍ତି। କହୁଛନ୍ତି ଯେ, ଆପଣଙ୍କୁ ପ୍ରେମ ଜାଲରେ ଫସାଇବା ପୂର୍ବରୁ ସେ ଆପଣଙ୍କ ସାଙ୍ଗକୁ ପ୍ରେମ କରୁଥିଲା। ପୁଣି ବେଶି ଦିନ ନୁହେଁ, ମାତ୍ର ମାସକ ପୂର୍ବରୁ। ତେବେ ସେପରି ପ୍ରେମିକାକୁ ଗ୍ରହଣ କରିବେ କି ଗୁଡ୍‌ବାଏ କରିବେ ତାହା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ହିଁ ନିର୍ଭର କରେ। ଏପରି ସ୍ଥିତିରେ କାହା ବୁଦ୍ଧିରେ ଘୋଡ଼ା ଚଢ଼ିବା ଅପେକ୍ଷା ନିଜେ ବୁଦ୍ଧି ଖଟାଇ ନିଷ୍ପତ୍ତି ନେଲେ ଭଲ।

ସାଥୀ



## ପ୍ରଥମ ରୋଜଗାର

**ଲୋକପ୍ରିୟ ସିତାରିଷ୍ଟ ଯୋଗେଶ ଦତ୍ତ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



# ସିତାର ପରିବେଷଣ କରି ୩୦ ଟଙ୍କା ପାଇଥିଲି

ଝାଡ଼ଖଣ୍ଡର ଦେଓଘରଠାରେ ମୋ ଜନ୍ମ। ଆମେ ଦୁଇ ଭାଇଭଉଣୀ ଭିତରେ ମୁଁ ହେଲି ସାନ। ବାପା ଜଣେ ଶିକ୍ଷାବିତ୍ ସାଙ୍ଗକୁ ଭଲ ଭାୟୋଲିନ୍ ମଧ୍ୟ ବଜାଇପାରୁଥିଲେ। ବଡ଼ ଭଉଣୀ ବି ଜଣେ ସିତାର ବାଦିକା ଥିଲେ। ତାଙ୍କ ବାହାଘର ପରେ ଘରେ ସେମିତି ସିତାର ଥୁଆ ହୋଇଥିବାର ଦେଖି ବାପା ମୋତେ ସିତାର ଶିଖାଇବାକୁ ଚିନ୍ତା କଲେ। ସେତେବେଳକୁ ମୋତେ ମାତ୍ର ୮/୯ବର୍ଷ ବୟସ ହୋଇଥାଏ। କୋଲକାତାର ଲୋକପ୍ରିୟ ତବଲା ବାଦକ କରାମତ୍ ଉଲ୍ଲା ଖାଁଙ୍କର ଥିବା କରାମତ୍ ସଙ୍ଗୀତାଳୟର ଜଣେ ଗୁରୁ ପଣ୍ଡିତ ଦିଲ୍ଲୀପ ଚୌଧୁରୀ ମୋତେ ପ୍ରଥମେ ସିତାର ଶିଖାଇବା ଆରମ୍ଭ କରିଥିଲେ। ତାଙ୍କ ପାଖରେ ମୁଁ ପାଖାପାଖି ୮ ବର୍ଷ ସିତାର ଶିକ୍ଷା ନେଇଥିଲି। ସିତାର ଶିକ୍ଷା ସାଙ୍ଗକୁ ପାଠପଢ଼ା ବି ଚାଲିଥାଏ। ମଝିରେ ମଝିରେ ଗୁରୁଙ୍କ ସାଙ୍ଗରେ ବିଭିନ୍ନ ସ୍ଥାନକୁ ଯାଇ ସିତାର ପରିବେଷଣ ମଧ୍ୟ କରୁଥାଏ। ଥରେ ଗୋଟିଏ ପ୍ରୋଗ୍ରାମ୍‌ରେ ସିତାର ପରିବେଷଣ କରି ମୋତେ ୩୦ ଟଙ୍କା ପାରିଶ୍ରମିକ ମିଳିଥିଲା। ଗୁରୁଜୀ ଆଣି ସେ ଟଙ୍କାକୁ ବାପାଙ୍କ ହାତରେ ଦେଇ ଯାଇଥିଲେ, ଯାହା କି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ଏମିତି ସମୟ ଗଡ଼ି ଚାଲିଲା। ମାଟ୍ରିକ୍ ପାସ୍ କରି ବାପାଙ୍କ ଇଚ୍ଛାରେ ମୁଁ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଲି। କାରଣ ବାପା ଯେହେତୁ ଜଣେ ବିଜ୍ଞାନ ଶିକ୍ଷକ ଥିଲେ ତେଣୁ ସେ ଚାହୁଁଥିଲେ ମୁଁ ବି ପାଠପଢ଼ି ବିଜ୍ଞାନ ଶିକ୍ଷକ ଅବା ଅଧ୍ୟାପକଟିଏ ହୁଏ। କିନ୍ତୁ ସତ କହିବାକୁ ଗଲେ ମୋର ସେତେ ଭଲ ପାଠ ହେଉ ନ ଥିଲା। ଗଣିତ ହେଉ କି ଫିଜିକ୍ସ, କେମେଷ୍ଟ୍ରି ଅବା ବାୟୋଲୋଜି ମୋ ମୁଣ୍ଡରେ ଆଦୌ ପଶୁ ନ ଥିଲା। ବହୁ କଷ୍ଟରେ ଯୁକ୍ତ ଦୁଇରେ ସେକେଣ୍ଡ ଡିଭିଜନ୍ ହେବାରୁ ବାପାଙ୍କୁ ବୁଝାଇଲି, ମୋ ଦ୍ୱାରା ବିଜ୍ଞାନ ପଢ଼ା ହେବନି। ବାପା ମୋ କଥା ବୁଝିଲେ ଆଉ କହିଲେ ଠିକ୍ ଅଛି, ତୁ ଯୁକ୍ତ ତିନିରେ କଳା ବିଭାଗରେ ପଢ଼େ, ତା'ପରେ ସିତାର କ୍ଷେତ୍ରରେ ତୋ କ୍ୟାରିୟର୍ ଗଢ଼ିବାକୁ ଚେଷ୍ଟା କରିବା। ସେୟା ହିଁ ହେଲା। ଯୁକ୍ତ ତିନି ସରିବା ପରେ ୧୯୯୩ରେ ମୁଁ ଦିଲ୍ଲୀସ୍ଥିତ ଶ୍ରୀରାମ ଭାରତୀୟ କଳା କେନ୍ଦ୍ରରେ ନାଁ ଲେଖାଇଲି। ସେଠାରେ ସିତାର କ୍ଷେତ୍ରରେ ତିନି ବର୍ଷ ସାର୍ଟିଫିକେଟ୍ କୋର୍ସ, ଦୁଇ ବର୍ଷ ଡିପ୍ଲୋମା ଆଉ ଦୁଇ ବର୍ଷ ପି.ଜି. ଡିପ୍ଲୋମା କୋର୍ସ କଲି। ସେଠାରେ ମୋର ପ୍ରିୟ ଗୁରୁ ଥିଲେ ପଣ୍ଡିତ ବିଶ୍ୱଜିତ୍ ରାୟ ଚୌଧୁରୀ। ସେ ମୋତେ ସିତାର ଶିକ୍ଷା ସାଙ୍ଗକୁ ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମ୍ ତଥା ରେକର୍ଡିଂରେ ସିତାର ପରିବେଷଣ କରିବାକୁ ଅନେକ ସୁଯୋଗ ଦେଉଥିଲେ ; ଯଦ୍ୱାରା ସେଥିରୁ ମୋର କିଛି କିଛି ରୋଜଗାର ହୋଇଯାଉଥିଲା। ତା'ସହିତ ପି.ଜି. ଡିପ୍ଲୋମା ପଢ଼ା ସମୟରେ ମୋତେ ପ୍ରତିମାସ ଦୁଇ ହଜାର ଟଙ୍କା ଲେଖାଏ ନ୍ୟାଶନାଲ୍ ସ୍କଲାର୍‌ଶିପ୍ ବି ମିଳିଲା। ଏସବୁ ଗୁରୁ ପଣ୍ଡିତ ବିଶ୍ୱଜିତ୍‌ଙ୍କ ପାଇଁ ସମ୍ଭବ ହୋଇଥିବାରୁ ଖୁସିରେ ମୁଁ ତାଙ୍କୁ କିଛି ଦେବାକୁ ଚିନ୍ତା କରିବାରୁ ସେ ଆଦୌ ରାଜି ହେଲେ ନାହିଁ। ବରଂ ମୋତେ ଆହୁରି ଉନ୍ନତି କରିବା ପାଇଁ ସେ ଆଶୀର୍ବାଦ କଲେ। ତାଙ୍କରି ଆଶୀର୍ବାଦରୁ ମୁଁ ୨୦୧୧ ମସିହା ପର୍ଯ୍ୟନ୍ତ ଦିଲ୍ଲୀରେ ରହି ଅନେକ ଷ୍ଟେଜ୍ ପ୍ରୋଗ୍ରାମ୍ କରିବା ସହ ରେକର୍ଡିଂ ମଧ୍ୟ କରିଥିଲି। ତା'ସହିତ ସ୍ଥାନୀୟ ଦୁଇଟି ବିଦ୍ୟାଳୟରେ ମୁଁ ସିତାର ଶିକ୍ଷକ ଭାବେ ଚାକିରି କରି ପିଲାମାନଙ୍କୁ ସିତାର ଟ୍ରେନିଂ ମଧ୍ୟ ଦେଉଥିଲି। ସେହିପରି ଶ୍ରୀରାମ ଭାରତୀୟ କଳା କେନ୍ଦ୍ର ତରଫରୁ ପ୍ରତିବର୍ଷ ଦଶହରାରୁ ଦୀପାବଳି ପର୍ଯ୍ୟନ୍ତ ରାମଲୀଳାର ଆୟୋଜନ କରାଯାଇଥାଏ। ଏହା ହେଉଛି ଅଢ଼େଇ ଘଣ୍ଟାର ଏକ ଶୋ। ପ୍ରତିଦିନ ଏହା ପରିବେଷଣ ହୋଇଥାଏ। ଏହାର ଲାଇଭ୍ ରେକର୍ଡିଂ ମଧ୍ୟ ହୁଏ। ଗୁରୁଜୀଙ୍କ ଯୋଗୁ ଏହି ପ୍ରୋଗ୍ରାମ୍‌ରେ ମୋତେ ଥରେ ସିତାର ବଜାଇବାର ସୁଯୋଗ ମିଳିଥିଲା। ଆଉ ମୋର ସିତାର ବଜାଇବା ଶୈଳୀଟି ସମସ୍ତଙ୍କୁ ଏତେ ଭଲ ଲାଗିଥିଲା ଯେ, ଆଜିଯାଏ ବି ମୋର ସିତାର ବଜାଇବାର ରେକର୍ଡିଂ ସେଠାରେ ରାମଲୀଳାରେ ବାଜୁଥିବାର ଶୁଣିବାକୁ ମିଳୁଛି, ଯାହା ମୋ ପାଇଁ ଏକ ଖୁସିର କଥା। ତେବେ ୨୦୧୧ ପରେ କୋଲକାତା ଯାଇ କରାମତ୍ ସଙ୍ଗୀତାଳୟରେ ରିୟାଜ୍ କରିବା ସହ ସେଠାରେ ପିଲାଙ୍କୁ ଟ୍ରେନିଂ ବି ଦେଉଥିଲି। ତା'ସହିତ ଷ୍ଟେଜ୍ ପ୍ରୋଗ୍ରାମ୍ ଓ ରେକର୍ଡିଂ କାମ ବି ମୋର ଚାଲିଥିଲା। ସବୁକିଛି ଠିକ୍‌ଠାକ୍ ଥିଲା। ହେଲେ କରୋନା ମହାମାରୀ ଯୋଗୁ ଏବେ ସବୁ କାମ ମୋର ବନ୍ଦ ହୋଇଯାଇଛି। ତଥାପି ସାହସ କମିନି କି ଧୈର୍ଯ୍ୟହରା ହୋଇନି। ଭଗବାନଙ୍କ ଉପରେ ପୂରା ଭରସା ରହିଛି। ସେ ଚାହିଁଲେ ପରିସ୍ଥିତିରେ ପୁଣି ସୁଧାର ଆସିବ ଆଉ ମୋର କାମ ପୁଣିଥରେ ଆରମ୍ଭ ହେବ। ତେବେ ବର୍ତ୍ତମାନ ମୁଁ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ରହି ୨/୩ ମାସ ପର୍ଯ୍ୟନ୍ତ ରିଆଜ୍ କରିବାର ଯୋଜନା ରଖିଛି।

**–ଅନ୍ୱିତା**



# ଦାମୀ ଛତା

**ଖରାଦିନ ହେଉ ଅବା ବର୍ଷାଦିନ ଛତାର ଆବଶ୍ୟକତା ସବୁବେଳେ ରହିଥାଏ। ସେଥିପାଇଁ ଏହାର ଚାହିଦାକୁ ଲକ୍ଷ୍ୟ କରି କେତେ ନୂଆ ନୂଆ ଡିଜାଇନ୍‌ର ଛତା ମାର୍କେଟ୍‌କୁ ଆସେ। କିନ୍ତୁ ଏଠାରେ ଯେଉଁ ଛତାଗୁଡ଼ିକ ସମ୍ପର୍କରେ କୁହାଯାଉଛି, ତାହା ଦେଖିବାକୁ ସିନା ଆକର୍ଷଣୀୟ ହୋଇଥାଏ ହେଲେ ତାହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ। କାରଣ ଏଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ଦାମୀ ଛତା, ଯାହାର ଦର ରହିଛି ବେଶ୍ ଆକାଶଛୁଆଁ...**



**※ପସୋଟି ଇଟାଲିଆନ୍ ଅମ୍ବ୍ରେଲା ଉଇଥ୍ ସ୍ୱରୋଭସ୍କି କ୍ରିଷ୍ଟାଲ୍ସ:** ପସୋଟି ହେଉଛି ଏକ ଲୋକପ୍ରିୟ ଇଟାଲିଆନ୍ କମ୍ପାନୀ, ଯାହା ୧୯୫୬ ମସିହାରୁ ଉତ୍ତମ କ୍ୱାଲିଟି ଯୁକ୍ତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀମାନ ବିକ୍ରି କରିଆସୁଛି। ଆକର୍ଷଣୀୟ ଦାମୀ ଛତା ତିଆରି କରିବାରେ ମଧ୍ୟ ଏହି କମ୍ପାନୀର ବେଶ୍ ନାଁ ରହିଛି। ସ୍ୱରୋଭସ୍କି କମ୍ପାନୀ ସହ କଣ୍ଟ୍ରାକ୍ଟ ସାଇନ୍ କରି ପ୍ରତିବର୍ଷ ଏହା ଅଳ୍ପ କିଛି ପରିମାଣରେ ଛତା ତିଆରି କରିଥାଏ। କ୍ୱାଣ୍ଟିଟି ତୁଳନାରେ କ୍ୱାଲିଟିକୁ ଗୁରୁତ୍ୱ ଦେଉଥିବାରୁ ଏହି କମ୍ପାନୀ ଛତାର ବେଶ୍ ଚାହିଦା ମଧ୍ୟ ରହିଥାଏ। ମୁଖ୍ୟତଃ ଏହି କମ୍ପାନୀ ଛତାର ହ୍ୟାଣ୍ଡେଲ୍ ଓ କନାର ଉପରି ଭାଗରେ ସ୍ୱରୋଭସ୍କି କ୍ରିଷ୍ଟାଲ୍ ଲଗାଯାଇଥିବାରୁ ଏହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିବା ସହ ଦାମ୍ ବି ପ୍ରାୟ ୩୬୦ ଡଲାର୍ ଉପରକୁ ରହିଥାଏ।

**※ଆଇଏଲ୍ ମାର୍ଚ୍ଚେସାଟୋ ପିୟୋର୍ ସିଲ୍କ ଆଣ୍ଡ ସ୍ୱରୋଭସ୍କି ଅମ୍ବ୍ରେଲା:** ଆଇଏଲ୍ ମାର୍ଚ୍ଚେସାଟୋ ହେଉଛି ଜର୍ମାନୀସ୍ଥିତ ଏକ ଲୋକପ୍ରିୟ ଛତା ତିଆରି କମ୍ପାନୀ। ଏହା ମୁଖ୍ୟତଃ ପିୟୋର୍ ସିଲ୍କ କପଡ଼ାରେ ଛତାମାନ ତିଆରି କରିଥାଏ। ଖାସ୍‌କରି ଏହି କମ୍ପାନୀ ଦ୍ୱାରା ତିଆରି କରାଯାଇଥିବା ଛତାର ହ୍ୟାଣ୍ଡେଲ୍ ପାଖରେ ଲାଗିଥିବା ସୁନେଲି ରଙ୍ଗର ଏକ ଫ୍ରେମ୍ ଏବଂ ତା'ଉପରେ ରହିଥିବା ନାଲି ରଙ୍ଗର ସ୍ୱରୋଭସ୍କି କ୍ରିଷ୍ଟାଲ୍ ଜେମ୍ସ ଷ୍ଟୋନ ଛତାକୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ସେଥିପାଇଁ ଉକ୍ତ ଛତାର ଦର ପ୍ରାୟ ୩୮୫ ଡଲାରରୁ ଊର୍ଦ୍ଧ୍ୱ ରହିଥାଏ।

**※ମାଗ୍‌ଲିଆ ଫ୍ରାନ୍ସେସ୍କୋ ବ୍ଲାକ୍ ୱାଚ୍ ସ୍ପୋର୍ଟ୍ସ ଅମ୍ବ୍ରେଲା:** ସୂଚନାନୁଯାୟୀ, ମାଗ୍‌ଲିଆ ଫ୍ରାନ୍ସେସ୍କୋ ହେଉଛି ଏକ ଲୋକପ୍ରିୟ ଛତା କମ୍ପାନୀ; ଯାହା ପିୟୋର୍ କଟନ୍ ଓ ସଲିଡ୍ ଉଡ୍‌ର ସହାୟତାରେ ଛତାମାନ ତିଆରି କରିଥାଏ। ତେବେ ଏହି କମ୍ପାନୀ ଦ୍ୱାରା ତିଆରି କରାଯାଉଥିବା ଛତାର ବିଶେଷତ୍ୱ ହେଉଛି ଏହାର ହ୍ୟାଣ୍ଡେଲ୍‌ରେ ଲାଗିଥିବା ଏକ ସ୍ୱତନ୍ତ୍ର ଧରଣର ଷ୍ଟାଣ୍ଡ ଫ୍ରେମ୍, ଯାହା କି ଛତାକୁ ସିଧାକରି ରଖିବାରେ ବେଶ୍ ସହାୟକ ହୋଇଥାଏ। ତେବେ ଏହି ଛତାର ମୂଲ୍ୟ ମାର୍କେଟ୍‌ରେ ପ୍ରାୟ ୪୫୦ ଡଲାର ରହିଛି।

**※ଆଲେକ୍‌ଜାଣ୍ଡର୍ ମାକକୁଇନ୍ ସ୍କଲ୍ ହ୍ୟାଣ୍ଡେଲ୍ ଅମ୍ବ୍ରେଲା:** ଆଲେକ୍‌ଜାଣ୍ଡର ମାକକୁଇନ୍ ଇଟାଲିସ୍ଥିତ ଏମିତି ଏକ କମ୍ପାନୀ, ଯିଏ କି ଅଜବ ଡିଜାଇନ୍‌ର ଛତା ତିଆରି କରିବାରେ ବେଶ୍ ନାଁ ହାସଲ କରିପାରିଛି। ଖାସ୍‌କରି ଛତାର ହ୍ୟାଣ୍ଡେଲ୍‌ରେ ମଣିଷଙ୍କ ଖପୁରି ସଦୃଶ ଡିଜାଇନ୍ କରାଇବାରେ ଏହି କମ୍ପାନୀ ଭଲ ନାଁ କମାଇପାରିଛି। ତା'ସାଙ୍ଗକୁ ସେହି ଆର୍ଟିଫିସିଆଲ୍ ଖପୁରି ଉପରେ ସୁନେଲୀ ରଙ୍ଗର କୋଟ୍ ଦେଇ ତାହାକୁ ଆହୁରି ଆକର୍ଷଣୀୟ କରାଇବାରେ ଏହି କମ୍ପାନୀ ଖୁବ୍ ସିଦ୍ଧହସ୍ତ। ସେଥିପାଇଁ ଏହି ଛତାର ଦର ପ୍ରାୟ ୫୬୫ ଡଲାର ରହିଥାଏ।

**※ବର୍‌ବେରୀ ନୁବକ୍ ଡକ୍ ହ୍ୟାଣ୍ଡେଲ୍ ଅମ୍ବ୍ରେଲା:** ଏହା ଏକ ବ୍ରିଟିଶ୍ ବ୍ରାଣ୍ଡର କମ୍ପାନୀ, ଯିଏ କି ଦାମୀ ବ୍ୟାଗ୍, କୋଟ୍ , ସ୍କାର୍ଭସ୍ ତଥା ଛତା ତିଆରି କରିବାରେ ବେଶ୍ ମାହିର। ବିଶେଷକରି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି କମ୍ପାନୀ ଅଜବ ଡିଜାଇନ୍‌ର ଛତା ତିଆରି କରିଥାଏ। ବିଶେଷକରି ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ପ୍ଲାଟିନମ୍ କୋଟ୍‌ର ବତକ ମୁହଁ ସଦୃଶ ଛତାର ହ୍ୟାଣ୍ଡେଲ୍ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ଏହାର ଦାମ୍ ବି ଟିକେ ଅଧିକ ଥାଏ ଅର୍ଥାତ୍ ପ୍ରାୟ ୮୫୦ ଡଲାର ରହିଥାଏ ଏହି ଛତାର ଦର।

**※ବିଲିଅନେୟାର୍ କୌଟୁର୍ସ କ୍ରକୋଡାଇଲ୍ ସ୍କିନ୍ ଅମ୍ବ୍ରେଲା:** ଏହାକୁ ଦୁନିଆର ସବୁଠାରୁ ଦାମୀ ଛତା ଭାବେ ପରିଗଣିତ କରାଯାଇଥାଏ। କାରଣ ଏହି ଛତାଟି କୁଆଡ଼େ କୁମ୍ଭୀର ଚମଡ଼ାରେ ତିଆରି। ସେଥିପାଇଁ ଏହାର ଦାମ୍ ପ୍ରାୟ ୧୫,୦୦୦ ଡଲାର ରଖାଯାଇଥିବା ସୂଚନା ରହିଛି।













## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରୀତି

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ପୁରୁଣା

ଶିକ୍ଷକ– ପୃଥିବୀର ସବୁଠୁ ପୁରୁଣା ପ୍ରାଣୀ କେଉଁଟି ?
ଗୋପୁ– ସାର୍, ଜେବ୍ରା।
ଶିକ୍ଷକ– କେମିତି ?
ଗୋପୁ– ସିଏ ବ୍ଲାକ ଆଣ୍ଡ ହ୍ୱାଇଟ୍ ଅଟେ ନା।

### କ୍ରେଡିଟ୍ କାର୍ଡ

ପୋଲିସ୍ ବ୍ୟକ୍ତିଙ୍କୁ– ଏତେଦିନ ହେବ ତୁମର କ୍ରେଡିଟ୍ କାର୍ଡ ହଜିଛି। ରିପୋର୍ଟ କାହିଁକି କରି ନ ଥିଲ ?
ବ୍ୟକ୍ତି– ସେ ଚୋର ମୋ ସ୍ତ୍ରୀଠାରୁ କମ୍ ଖର୍ଚ୍ଚ କରୁଚି। ସେଥିପାଇଁ...

### ତିଆରି

ଛାତ୍ର ଶିକ୍ଷକଙ୍କୁ– ସାର୍ ମୁଁ କାନ୍ଥରେ ଏମିତି ଏକ ଜିନିଷ ତିଆରି କରିଛି ଯାହାଦ୍ୱାରା କାନ୍ଥ ଆରପଟେ କ'ଣ ଅଛି ଦେଖି ହେବ।
ଶିକ୍ଷକ– ଆରେ ୱାଃ...କ'ଣ ସେଇ ଯନ୍ତ୍ର ?
ଛାତ୍ର– କଣା। ମାନେ କାନ୍ଥରେ କ'ଣା।

# ଦକ୍ଷିଣ ଭାରତର ଚେରାପୁଞ୍ଜି

**କର୍ନାଟକର ସିମୋଗା ଜିଲାରେ ଥିବା ଅଗୁମ୍ବେ ନିଜର ପ୍ରାକୃତିକ ପରିବେଶ, ସବୁଜ ବନାନୀ, ତଥା ଝରଣା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡ଼ା ଅଧିକ ମାତ୍ରାରେ ବର୍ଷା ହେବାକୁ ନେଇ ଏହା ନାଁରେ ରେକର୍ଡ ବି ରହିଛି...**



କର୍ନାଟକର ସିମୋଗା ଜିଲା ଅନ୍ତର୍ଗତ ତୀର୍ଥହଲ୍ଲୀ ତାଲୁକାରେ ଥିବା ଅଗୁମ୍ବେ ନିଜର ଆକର୍ଷଣୀୟ ପ୍ରାକୃତିକ ପରିବେଶ ତଥା ସବୁଜ ବନାନୀ ଓ ଝରଣା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡ଼ା ଏହା ଦକ୍ଷିଣ ଭାରତର ଏମିତି ଏକ ସ୍ଥାନ, ଯେଉଁଠାରେ ବର୍ଷା ସବୁଠୁ ଅଧିକ ହୋଇଥାଏ ବୋଲି ସୂଚନା ରହିଛି। ସେଥିପାଇଁ ଅନେକେ ଅଗୁମ୍ବେକୁ 'ଦକ୍ଷିଣ ଭାରତର ଚେରାପୁଞ୍ଜି' ବୋଲି କହିଥାନ୍ତି। କାରଣ ମେଘାଳୟସ୍ଥିତ ଚେରାପୁଞ୍ଜିରେ ବିଶ୍ୱର ସବୁଠାରୁ ଅଧିକ ବର୍ଷା ହୋଇଥାଏ ବୋଲି ରେକର୍ଡ ରହିଛି।

### ଅଗୁମ୍ବେ ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ

ସୂଚନାନୁଯାୟୀ, ଅଗୁମ୍ବେ ହେଉଛି ମାତ୍ର ୩ ବର୍ଗ କି.ମି. ବ୍ୟାପ୍ତ ଏକ ପାହାଡ଼ି ଗାଁ। ଚତୁଃପାର୍ଶ୍ୱରୁ ଏହାକୁ ଘେରି ରହିଛି ଜଙ୍ଗଲ ପରିବେଷ୍ଟିତ ଉଚ୍ଚ ଉଚ୍ଚ ପାହାଡ଼। ତା'ସାଙ୍ଗକୁ ସ୍ଥାନେ ସ୍ଥାନେ ଉକ୍ତ ପାହାଡ଼ରୁ ଝରି ଆସୁଥିବା ଝରଣାର ଅପୂର୍ବ ଦୃଶ୍ୟ ଏଠାକାର ଶୋଭାକୁ ବେଶ୍ ବଢାଇ ଦେଇଥାଏ। ତେବେ ଅଗୁମ୍ବେକୁ ଘେରି ରହିଥିବା ଘଞ୍ଚ ଜଙ୍ଗଲରେ ବିଭିନ୍ନ ପ୍ରକାରର ବନ୍ୟ ଜୀବଜନ୍ତୁ, ଜଡ଼ିବୁଟି ତଥା ବନସ୍ପତି ବୃକ୍ଷ ମଧ୍ୟ ଦେଖିବାକୁ ମିଳିଥାଏ। ସ୍ଥାନୀୟ ଲୋକଙ୍କର ମୁଖ୍ୟ ରୋଜଗାର ସେହି ଜଙ୍ଗଲଜାତ ଦ୍ରବ୍ୟରୁ ହିଁ ହୋଇଥାଏ ବୋଲି ଅନୁମାନ କରାଯାଏ। ତା'ଛଡ଼ା କୁହାଯାଏ, ଏହି ଘଞ୍ଚ ଜଙ୍ଗଲ ହିଁ ହେଉଛି ଏଠାରେ ପ୍ରଚୁର ବର୍ଷା କରାଇବାର ମୁଖ୍ୟ କାରଣ। ଖାସ୍ ସେଥିପାଇଁ ଭାରତ ସରକାର ଏଠାରେ 'ଅଗୁମ୍ବେ ରେନ୍ ଫରେଷ୍ଟ ରିସର୍ଚ୍ଚ ଷ୍ଟେଶନ'ର ସ୍ଥାପନା କରିଛନ୍ତି।

### ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ଅଗୁମ୍ବେର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପର୍ଯ୍ୟଟକ ଏଠାକାର ନିକଟତମ ଅଞ୍ଚଳରେ ମଧ୍ୟ ବୁଲି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ଦେଖିପାରିବେ। ଯେମିତିକି:

**ଝରଣା:** ଅଗୁମ୍ବେର ନିକଟବର୍ତ୍ତୀ ଅଞ୍ଚଳରେ ବରକନା, କୁଞ୍ଚିକଲ୍, ଓନାକେ ଅବି, ଜୋଗିଗୁଣ୍ଡି ଏବଂ କୋଡଲୁ ତୀର୍ଥ, ସିରିମାନେ ନାମରେ ଏକାଧିକ ଝରଣା ଦେଖିବାକୁ ମିଳିଥାଏ।

**ସନ୍‌ସେଟ୍ ପଏଣ୍ଟ:** ଅଗୁମ୍ବେର ଅନ୍ୟତମ ଆକର୍ଷଣ ହେଉଛି ଏଠାରେ ଥିବା ଫଗ୍ ଫିଲ୍ଡ ଭ୍ୟାଲେର ସନ୍‌ସେଟ୍ ପଏଣ୍ଟ। ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ ଦେଖିବାକୁ ଏଠାରେ ଅଧିକାଂଶ ସମୟ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।


**ବନ୍ୟପ୍ରାଣୀଙ୍କ ସୁରକ୍ଷାସ୍ଥଳୀ:** ଅଗୁମ୍ବେର ଘଞ୍ଚ ଜଙ୍ଗଲରେ ଅନେକ ବିରଳ ପଶୁଙ୍କୁ ଦେଖିବାକୁ ମିଳିଥାଏ। ଯେମିତିକି: ବାଘ, ଚିତାବାଘ, ଶମ୍ବର, ଜଙ୍ଗଲୀ ଗୁଣ୍ଡୁଚିମୂଷା, ଗୟଳ, ବୋବାଉଥିବା ହରିଣ, ଲଙ୍ଗୁର ଇତ୍ୟାଦି। ତା'ଛଡ଼ା ବିଭିନ୍ନ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ମୁଖ୍ୟତଃ ଦୁନିଆର ସବୁଠାରୁ ବିଷଧର ସର୍ପ ଭାବେ ଜଣା କିଙ୍ଗ୍ କୋବ୍ରା ମଧ୍ୟ ଏହି ଜଙ୍ଗଲରେ ଅଧିକ ସଂଖ୍ୟାରେ ରହିଥାନ୍ତି। କୁହାଯାଏ, ଉକ୍ତ ଜଙ୍ଗଲଟି ହେଉଛି ଏହି ସର୍ପଙ୍କ ପାଇଁ ଏକ ସୁରକ୍ଷିତ ଆବାସସ୍ଥଳୀ।

**ଆଧ୍ୟାତ୍ମିକ ପୀଠ:** ଅଗୁମ୍ବେ ବେଣୁଗୋପାଳକ୍ରିଷ୍ଣା ମନ୍ଦିର ହେଉଛି ଏଠାକାର ଏକ ପ୍ରମୁଖ ଆଧ୍ୟାତ୍ମିକ ପୀଠ। ଶ୍ରୀ ବେଣୁଗୋପାଳ କ୍ରିଷ୍ଣା ହେଉଛନ୍ତି ଏହି ମନ୍ଦିରର ମୁଖ୍ୟ ଦେବତା। ପ୍ରତିବର୍ଷ ଫେବୃୟାରୀ ମାସରେ ତାଙ୍କର ଏକ ବାର୍ଷିକ ଉତ୍ସବ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସେହିପରି ଶ୍ରୀଙ୍ଗେରୀ ଶାରଦମ୍ବା ମନ୍ଦିର ହେଉଛି ଅଗୁମ୍ବେର ଅନ୍ୟତମ ଲୋକପ୍ରିୟ ତୀର୍ଥସ୍ଥଳୀ।



### ମାଲ୍‌ଗୁଡି ଡେଜ୍ ସହ ସମ୍ପର୍କ

ଲୋକପ୍ରିୟ ଟେଲିଭିଜନ୍ ସିରିଏଲ୍ ମାଲ୍‌ଗୁଡ଼ି ଡେଜ୍‌ର କେତେକ ଏପିସୋଡ୍‌ର ଶୁଟିଂ ଏହିଠାରେ ହୋଇଥିଲା ବୋଲି ସୂଚନା ମଧ୍ୟ ରହିଛି। ତେଣୁ ଏହିଥିରୁ ଅନୁମାନ କରିହୁଏ ଯେ, ଅଗୁମ୍ବେର ଲୋକପ୍ରିୟତା କେତେ ରହିଛି।



### ଟ୍ରେକିଂର ମଜା ନେଇହେବ

ଅଗୁମ୍ବେରେ ବହୁ ଉଚ୍ଚ ଉଚ୍ଚ ପାହାଡ ରହିଥିବାରୁ, ଏଠାରେ ଟ୍ରେକିଂ ପାଇଁ ବହୁ ସୁବିଧା ଥିବା ଅନୁମାନ କରାଯାଏ। ତା'ଛଡ଼ା ଫଟୋଗ୍ରାଫିରେ ରୁଚି ରହିଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ କହିଲେ ଆଦୌ ଭୁଲ୍ ହେବନାହିଁ।


### କେବେ ଓ କେମିତି ଯିବେ

ଅଗୁମ୍ବେରେ ବର୍ଷା ଯେହେତୁ ଅଧିକ ହୋଇଥାଏ, ତେଣୁ ବର୍ଷାଦିନକୁ ଛାଡ଼ି ଅନ୍ୟ ଯେ କୌଣସି ସମୟରେ ଏଠାକୁ ଗଲେ ବୁଲିବାକୁ ସୁବିଧା ହୋଇଥାଏ। ହେଲେ ଯେଉଁମାନେ ବର୍ଷାପ୍ରିୟ, ସେମାନଙ୍କ ପାଇଁ ବର୍ଷାଦିନେ ଏଠାକୁ ବୁଲିଯିବା ଉତ୍ତମ ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ମାଙ୍ଗାଲୋର୍‌ରୁ ମାତ୍ର ୯୮ କି.ମି. ଏବଂ ବାଙ୍ଗାଲୋର୍‌ରୁ ମାତ୍ର ୪୫୭ କି.ମି. ଦୂରରେ ଥିବା ଅଗୁମ୍ବେକୁ ପର୍ଯ୍ୟଟକ ବସ୍ ହେଉ ଅବା ଟ୍ରେନ୍ ଅଥବା ବିମାନ ଯୋଗେ ମଧ୍ୟ ସୁବିଧାରେ ଯାଇପାରିବେ।









# ୯୦ ବର୍ଷୀୟା ଫିଟନେସ୍ ଟ୍ରେନର୍

୯୦ ବର୍ଷ ବୟସରେ ଲୋକେ ଭଲରେ ଚାଲି ବୁଲି ପାରନ୍ତିନି। ଏମିତି କି ନିଜର ଦୈନନ୍ଦିନ କାମରେ ବି ଅନ୍ୟର ସାହାଯ୍ୟ ଲୋଡ଼ନ୍ତି। କିନ୍ତୁ ଜାପାନର ୯୦ ବର୍ଷୀୟା ମହିଳା ତାକିସିମା ମିକା ପରିଣତ ବୟସରେ ପାଲଟିଛନ୍ତି ଫିଟନେସ୍ ଟ୍ରେନର୍। ଆଉ ଯୋଗ ମାଧ୍ୟମରେ କିଭଳି ସୁସ୍ଥ ଜୀବନ ଅତିବାହିତ କରିହେବ ସେ ନେଇ ଲୋକଙ୍କୁ ସଚେତନ କରୁଛନ୍ତି। ବହୁ କଷ୍ଟକର ବ୍ୟାୟାମକୁ ସେ ଏତେ ସହଜରେ କରିଦେଇପାରନ୍ତି ଯେ, ତାଙ୍କୁ ଦେଖିଲେ ଲାଗେ ବୟସ ତାଙ୍କ ପାଇଁ କେବଳ ଏକ ନମ୍ବର। ଏବେ ତାକିସିମା ପୃଥିବୀର ସବୁଠାରୁ ବୟସ୍କା ଫିଟ୍‌ନେସ୍ ଟ୍ରେନର୍ ଭାବେ ପରିଚିତ। ତେବେ ପୂର୍ବରୁ ସେ କେବେ ଜିମ୍ ଯାଇ ନ ଥିଲେ। ନିଜ ଶରୀର ପ୍ରତି ଧ୍ୟାନ ବି ଦେଉ ନ ଥିଲେ। ସ୍ୱାମୀଙ୍କର ଏକ କଟାକ୍ଷ ଯୋଗୁ ସେ ୬୫ ବର୍ଷ ବୟସରେ ଜିମ୍ ଯିବା ଆରମ୍ଭ କରିଥିଲେ। ଆଉ ୧୫ କିଗ୍ରା ଓଜନକମ୍ କରିଥିଲେ। ଏହାପରେ ଜିମ୍ ଯିବା ତାଙ୍କର ନିଶା ପାଲଟିଗଲା। ୮୭ ବର୍ଷ ବୟସ ବେଳକୁ ତ ସେ ନିଜେ ଫିଟନେସ୍ ଟ୍ରେନର୍ ପାଲଟିଗଲେ। ସେ ଏତେ କର୍ମଠ ଯେ, ରାତି ୧୧ଟାରେ ଶୋଇ ପ୍ରାତଃ ୩ଟାରେ ଉଠିଯାନ୍ତି। ଆଉ ୪ କି.ମି. ଚାଲନ୍ତି ଓ ୩ କି.ମି. ଜଗିଂ କରନ୍ତି ଓ ୧ କି.ମି. ପଛୁଆ ଚାଲନ୍ତି। ଏହାପରେ ଘରେ ସୁସ୍ଥ ଜଳଖିଆ ଖାଇ ଘର କାମରେ ଲାଗିଯାନ୍ତି।

## କାର୍ଟୁନ କର୍ନର



# ହନୁମାନ ମିଛ କହିନାହାନ୍ତି !

## ଚିନ୍ମୟ ଚିନ୍ତନ



ଶ୍ରୀ ସନ୍ନ୍ୟାସୀ ଜୀ

ଗତ(୩୦ ମେ)ସଂଖ୍ୟାରେ ଆମେ ହନୁମାନ ମିଛ କହିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଶ୍ରୀରାମଙ୍କ ସମ୍ମୁଖରେ ହନୁମାନଙ୍କ ସୀତା ଠାବ ବିବରଣୀ ଉପସ୍ଥାପନା କରୁଥିବା ବେଳେ ଜାମ୍ବବାନ ଜୀ କହିଥିଲେ ଯେ ହନୁମାନ ପ୍ରଥମେ ସମୁଦ୍ର ଲଙ୍ଘିଲେ, ଦ୍ୱିତୀୟରେ ରାକ୍ଷସମାନଙ୍କୁ ବଧ କଲେ, ତୃତୀୟରେ ଫଳ ବଗିଚାକୁ ଉଜାଡ଼ମସ୍ତ କଲେ, ଚତୁର୍ଥ ଏବଂ ଶେଷରେ ଲଙ୍କା ଦହନ କରିଥିଲେ ।

କିଛି ସମୟ ପରେ ଏସବୁ କାର୍ଯ୍ୟର କର୍ତ୍ତା ଅର୍ଥାତ ସ୍ୱୟଂ ହନୁମାନଙ୍କୁ ଯେତେବେଳେ ପ୍ରଭୁ ପଚାରିଲେ ଯେ ତୁମେ ଲଙ୍କା ଦହନ କିପରି କଲ ବୋଲି, ସେତେବେଳେ ସେ ଜାମ୍ବବାନ ପ୍ରଦାନ କରିଥିବା ବିବରଣୀର କ୍ରମ ବଦଳେଇ କହିଥିଲେ –

‘ନାଘି ସିନ୍ଧୁ ହାଟକପୁର ଜାରା
ନିଶାଚର ଗନ ବଧି ବିପିନ ଉଜାରା’

ହେ ପ୍ରଭୁ ! ପ୍ରଥମେ ସମୁଦ୍ର ଲଙ୍ଘନ କରାଗଲା । ଦ୍ୱିତୀୟରେ ଲଙ୍କା ଦହନ (ହାଟକପୁର ଜାରା ) ହେଲା । ତୃତୀୟରେ ନିଶାଚର ବଧ ହେଲା ଏବଂ ଶେଷରେ ‘ବିପିନ ଉଜାରା’ ଅର୍ଥାତ ବଗିଚାକୁ ନଷ୍ଟ କରାଗଲା ।

ଏଠି ପ୍ରଶ୍ନ ଉଠୁଛି, ଲଙ୍କା ଦହନ କାର୍ଯ୍ୟଟି ସମୁଦ୍ର ଲଙ୍ଘନ ପରେ ହୋଇଛି ନା ସର୍ବ ଶେଷରେ ହୋଇଛି ? ଯଦି ଶେଷରେ ହେବା ଉତ୍ତର ଠିକ୍, ତେବେ ହନୁମାନ ଏପରି କାହିଁକି କହିଲେ ? କ’ଣ ଏହାର ରହସ୍ୟ ? ଆଉ ଗୋଟିଏ ପ୍ରଶ୍ନ ଏଠି ଗୁଞ୍ଜି ଦିଆ ଯାଇପାରେ – ଲଙ୍କା ଦହନ ପାଇଁ ହନୁମାନଙ୍କୁ ଶ୍ରୀରାମଙ୍କ ଆଜ୍ଞା ଥିଲା ତ ? ଆମ ଜାଣତରେ ନାହିଁ । ଏ ବାବଦରେ କୌଣସି ରାମାୟଣରେ ମଧ୍ୟ ଉଲ୍ଲେଖ ନାହିଁ । କେବଳ ସୀତା ଠାବ ନିମନ୍ତେ ହନୁମାନଙ୍କୁ ପଠାଯାଇଥିଲା । ତେବେ ହନୁମାନଙ୍କ ପରି ବ୍ରହ୍ମଜ୍ଞାନୀ ତଥା ଶ୍ରୀରାମଙ୍କ ପରମ ସେବକ ପ୍ରଭୁଙ୍କ ବିନା ଅନୁମତିରେ ଏପରି ଭୁଲ୍ କାମ କାହିଁକି କଲେ ? ଏ ପ୍ରଶ୍ନଟି ଗାଁଗହଳିଠୁଁ ଆରମ୍ଭକରି ବୈଦ୍ୟୁତିକ ଚାନେଲର ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉଠେ । ପଣ୍ଡିତମାନେ ପକ୍ଷଭୁକ୍ତ ହୋଇ ଏଥିପାଇଁ ହନୁମାନଙ୍କୁ ମଧ୍ୟ କାଠଗଡ଼ାରେ ଛିଡା କରାଇବାକୁ ପଛାନ୍ତି ନାହିଁ ।

ପାଠକେ ! ଆମେ ତ ଉପରୋକ୍ତ ପ୍ରଶ୍ନର ଉତ୍ତର ଖୋଜିବା କିନ୍ତୁ ପ୍ରଥମେ ଆଲୋଚନା କରିବା ହନୁମାନଙ୍କ କାର୍ଯ୍ୟ ବଦଳ ପ୍ରସଙ୍ଗକୁ ନେଇ । ହନୁମାନ କାହିଁକି ସମୁଦ୍ର ଲଙ୍ଘନ ପରେ ଲଙ୍କା ଦହନ ହୋଇଛି ବୋଲି କହିଲେ ? ଏ ପ୍ରଶ୍ନର ଉତ୍ତର ଭିତରେ ବିନା ଆଜ୍ଞାରେ ଲଙ୍କା ଦହନ କରିବାର ଉତ୍ତର ମଧ୍ୟ ଲୁଚିକରି ଅଛି । ପ୍ରଥମରୁ କହିରଖୁଛି ଯେ ଯୁକ୍ତିଶୀଳତାର ମନ ନେଇ ଏ କଥାକୁ ନ ଶୁଣନ୍ତୁ । ଏକ ଶୁଦ୍ଧ ବୁଦ୍ଧି ଏବଂ ନିର୍ମଳ ରାମ ରସକୁ ଆସ୍ୱାଦନ କରିବାର ମନ ନେଇ ଏହାକୁ ଶୁଣିବା ହୁଅନ୍ତୁ ।

ଆଜ୍ଞା, ଏ ସଂସାରରେ ଦୁଇଟି କଥା ଅଛି । ଗୋଟିଏ ହେଉଛି ‘ଆଖିଦେଖା’ କଥା । ଅନ୍ୟଟି ‘ଅନୁଭବ’ର କଥା । ପ୍ରଥମ କଥାକୁ ଦୁନିଆ ଦେଖେ । ଲଙ୍କା ଦହନ ଶେଷରେ ହୋଇଛି ବୋଲି ସଭିଏଁ ଜାଣିଛନ୍ତି । ଜାମ୍ବବାନ ଦୁନିଆ ଭିତରେ ନା ବାହାରେ ? ତେଣୁ ସେ ଆଖିଦେଖା କଥା ହିଁ କହିଛନ୍ତି ।

ବାକି ରହିଲା ‘ଅନୁଭବ’ ର କଥା । ଏ କଥା ମାତ୍ର ଦୁଇ ଜଣଙ୍କ ମଧ୍ୟରେ ହିଁ ସୀମିତ ଥାଏ । ତୃତୀୟ ଲୋକ କେହି ଏହାର ଟେର୍ ପାଆନ୍ତି ନାହିଁ । ତେବେ ସେ ଦୁଇ ଜଣ କିଏ ? ସେ ଦୁଇ ଜଣ ହୋଇପାରନ୍ତି ଗୁରୁ–ଶିଷ୍ୟ, ହୋଇପାରନ୍ତି ଭକ୍ତ ଆଉ ଭଗବାନ ବା ହୋଇପାରନ୍ତି ପ୍ରଭୁ ଆଉ ସେବକ ।

ଶ୍ରୀରାମ ହେଉଛନ୍ତି ପ୍ରଭୁ । ହନୁମାନ ହେଉଛନ୍ତି ସେବକ । ପ୍ରଭୁ ଆଉ



ସେବକ ଯେତେବେଳେ ଏକ ଆତ୍ମା ହୋଇଯିବେ, ସେତେବେଳେ ‘ବଚନ’ ବା ‘ଶବ୍ଦ’ମାନେ ସବୁ ଛୁଟିରେ ପଳାନ୍ତି । ସେ ଦ୍ୱୟଙ୍କ ଭିତରେ ଭାବର ଆଦାନ ପ୍ରଦାନ ପାଇଁ ‘ଶବ୍ଦ’ ଆଉ ଲୋଡ଼ା ପଡ଼େନି । ସେଥିପାଇଁ ଅଦୃଶ୍ୟ ‘ସଂକେତ’ ‘ଠାର’ ବା ‘ସୂଚନା’ ହିଁ କାମ କରିଥାଏ । ଆଉ ପାଦେ ଆଗେଇଲେ ଏଗୁଡ଼ିକର ଆବଶ୍ୟକତା ପଡ଼େନା । ଏହା ଜଣକର ହୃଦୟରୁ ଆଉ ଜଣକ ହୃଦୟକୁ ଆପେ ଆପେ ସଂଚରିତ ହୋଇ ଯାଇଥାଏ । ଇଷ୍ଟଙ୍କର ଏହି ଇଙ୍ଗିତକୁ କେବଳ ଜଣେ ସଚ୍ଚା ଭକ୍ତ ହିଁ ଠଉରାଇପାରେ । ହନୁମାନ ଜଣେ ସଚ୍ଚା ଭକ୍ତ । ସେବକ ବି ।

କ୍ରମ ବଦଳେଇ କହିବାରେ ହନୁମାନଙ୍କର ଏକ ମଧୁର ଭାବ ଥିଲା । ହନୁମାନ କହିଲେ ହେ ପ୍ରଭୁ! ଅଶୋକ ବୃକ୍ଷର ଆଢୁଆଳରେ ଥାଇ ସେଦିନ ଚିନ୍ତା କରୁଥିଲି ‘ ଏବେ ମୁଁ କଣ କରିବି ? ’ । କରଇ ବିଚାର କରୋଉଁ କା ଭାଇ । ଠିକ୍ ସେଇ ସମୟରେ ମନ୍ଦୋଦରୀ ସହ ରାବଣ ଅଶୋକବାଟିକାରେ ପହଞ୍ଚିଗଲା । ମୋତେ ଲାଗିଲା ମୋ ପ୍ରଶ୍ନର ଉତ୍ତର ଦେବା ପାଇଁ ବୋଧେ ଆପଣ ରାବଣକୁ ସେଇ ସମୟରେ ପଠାଇଲେ ।

ମା’ ଜାନକୀଙ୍କୁ ରାବଣ ବହୁ ଲୋଭନୀୟ ପ୍ରତିଶ୍ରୁତି ଦେଲା । କିନ୍ତୁ ମା’ ତାକୁ ଆଡ଼ ଆଖିରେ ଚାହିଁଲେ ନାହିଁ । ରାବଣ ପରି ମହା ଐଶ୍ୱର୍ଯ୍ୟଶାଳୀ ପୁରୁଷକୁ ଯେତେବେଳେ ମା’ ଅନାଉ ନାହାନ୍ତି, ମୋ ମନରେ ଦ୍ୱିତୀୟ ପ୍ରଶ୍ନ ଉଙ୍କି ମାରିଲା – ମା’ମୋ ଆଡକୁ ଚାହିଁବେ ନାହିଁ । ମୁଦ୍ରିକା ଗ୍ରହଣ କରିବା ତ ଦୂରର କଥା । ଏହାର ଉତ୍ତର ତତ୍କ୍ଷଣାତ ମୋତେ ମିଳିଗଲା । ତୃଣ ଧରି ଓଟ କହତି ବୈଦେହୀ । ସାମ୍ନାରେ ପଡ଼ିଥିବା ଏକ ତୃଣକୁ ଆଖି ସମ୍ମୁଖରେ ରଖି ରାବଣକୁ ଯାହା କହିବା କଥା ମା’ କହିଲେ । ଏଥିରୁ ମୋତେ ବାର୍ତ୍ତା ମିଳିଗଲା ଯେ, ମା’ଙ୍କ କୃପା ପାଇବାକୁ ହେଲେ ତୃଣ ପରି ନିରୀହ ଏବଂ ଅହଂଶୂନ୍ୟ ହେବାକୁ ପଡ଼ିବ ।

ରାବଣର ଧମକଚମକରେ ମା’ ଭୟଭୀତ ନ ହେବାରୁ ସେ ଉଠାଇଲା ତା ଚନ୍ଦ୍ରହାସ ଖଡ୍ଗ । ସେତେବେଳେ ମୋର ଇଚ୍ଛା ହେଉଥିଲା ରାବଣ ଉପରେ କୁଦି ପଡ଼ିବାକୁ । କିନ୍ତୁ ନା, ମନ୍ଦୋଦରୀ ଚଟ୍‌କରି ରାବଣର ହାତକୁ ଧରିପକାଇ ନାରୀ ହତ୍ୟା ନ କରିବାକୁ ବହୁ ଉପଦେଶ ଦେବାରୁ ରାବଣ କ୍ଷାନ୍ତ ହେଲା । ମନେ ମନେ ମୁହିଁ ଢେର ଲଜ୍ଜିତ ହେଲି । ଭାବିଲି, ବେକାରରେ ମୁଁ ପୌରୁଷପଣିଆ ଦେଖାଇବା ପାଇଁ ଏତେ ଚିନ୍ତା ପ୍ରକଟ କରୁଥିଲି । ରାବଣପୁରୀକୁ ମା’ଙ୍କୁ ପଠାଇବାର ବହୁ ପୂର୍ବରୁ ଆପଣ ଯେ ତାଙ୍କ ପାଇଁ ରାବଣର ନିଜ ଘରେ ସୁରକ୍ଷାକର୍ମୀର ବନ୍ଦୋବସ୍ତ କରାଇଛନ୍ତି, ତାହା ସ୍ମରଣ କରି କୃତ୍ୟ କୃତ୍ୟ ହେଲି । ମୁଁ ଯଦି ସେତେବେଳେ ପ୍ରକୃତରେ ରାବଣ ଉପରେ ଝାମ୍ପି ପଡ଼ିଥାନ୍ତି, ତେବେ ମୋ ମନରେ ଗୋଟିଏ ଅଭିମାନ ସୃଷ୍ଟି ହୋଇଥାନ୍ତା ଯେ, ମୋ ଯୋଗୁ ମା’ବଞ୍ଚିଗଲେ । ହେଲେ ଆପଣ ଯେ ପ୍ରତି କ୍ଷଣରେ ମା’ଙ୍କୁ ଜଗି ରହିଛନ୍ତି, ଏକଥା ମୋର ଦୃଢ଼ୀଭୂତ ହେଲା । ଏ କଥା ଜାଣି ସାରିବା ପରେ ସଂସାରର ଜୀବମାନେ ଯଦି ଭାବି ବସନ୍ତି ଯେ ସେମାନେ ସବୁ କିଛି କରୁଛନ୍ତି ବୋଲି, ତେବେ ଏହାଠାରୁ ବଳି ମୂର୍ଖତା ଆଉ କ’ଣ ଥାଇପାରେ ?

ଏତିକିରେ କ’ଣ ବିପଦ ସରିଲା ପ୍ରଭୁ । ରାବଣ ଚାଲିଗଲା ପରେ ମା’ଙ୍କ ଚତୁଃପାର୍ଶ୍ୱରେ ଥିବା ନିଶାଚରମାନଙ୍କ ଉତ୍ପାତ ଆରମ୍ଭ ହୋଇଗଲା ।

‘ଭବନ ଗୟଉ ଦଶ କନ୍ଧର ଇହାଁ ପିଶାଚିନୀବୃନ୍ଦ
ସୀତହି ତ୍ରାସ ଦେଖାଓହିଁ ଧରଇ ରୂପ ବହୁ ମନ୍ଦ ।’

ମନ ମଧ୍ୟରେ ଚତୁର୍ଥ ପ୍ରଶ୍ନ ଉଙ୍କି ମାରିଲା –ଏବେ ମା’ଙ୍କୁ ସୁରକ୍ଷା କିଏ ଦେବ ? ଦେଖିବା ବେଳକୁ ସେଠି ଜଣେ ଅଙ୍ଗରକ୍ଷୀକୁ ଆପଣ ନିଯୁକ୍ତି ଦେଇଛନ୍ତି ।

‘ତ୍ରିଜଟା ନାମ ରାକ୍ଷସୀ ଏକା
ରାମ ଚରଣ ରତି ନିପୁଣ ବିବେକା ।’

ବାଃ ପ୍ରଭୁ ବାଃ ! କି ଚମତ୍କାର !! କି ଲୀଳା ଆପଣଙ୍କର !!! ମା’ଙ୍କୁ ଡରାଇବା ପାଇଁ ତାଙ୍କ ଚତୁଃପାର୍ଶ୍ୱରେ ବହୁ ଦୁର୍ଦ୍ଦାନ୍ତ ରାକ୍ଷସୀମାନଙ୍କୁ ରାବଣ ନିୟୋଜିତ କରିଥିଲା । ତା’ ଭିତରେ ଆପଣଙ୍କ ଲୋକ । ମୁଁ ଭାବୁଥିଲି ଲଙ୍କାରେ କେବଳ ପୁରୁଷ ସନ୍ଥ ବିଭୀଷଣ ଅଛନ୍ତି ବୋଲି । ସେତେବେଳେ ଜାଣିଲି ମହିଳା ସନ୍ଥୀ ଅଛନ୍ତି । ତ୍ରିଜଟା ମା’ଙ୍କୁ ଗତ ରାତ୍ରିରେ ଦେଖିଥିବା ସ୍ୱପ୍ନ ବିଷୟରେ ଯେତେବେଳେ ବର୍ଣ୍ଣନା କଲା ସେତେବେଳେ ମୋ ଶରୀର ଶିହରୀତ ହୋଇ ଉଠିଲା । ମୁଁ ଲଙ୍କାକୁ ଯାଇଛି ବୋଲି ଆପଣ ତାକୁ ଆଗରୁ କହିଦେଇଛନ୍ତି । ସେ ଦୁଇଟି କଥା କହିଲା । କହିଲା – ମା’, ସ୍ୱପ୍ନ ଦେଖିଲି ଯେ ଲଙ୍କାକୁ ଗୋଟିଏ ବାନର ଆସିଛି । ସେ ଲଙ୍କାକୁ ଜାଳିପୋଡ଼ି ଛାରଖାର କରିଦେଇଛି । ଗୋସ୍ୱାମୀ ତୁଳସୀ ଦାସ ତ୍ରିଜଟାର ମୁହଁରେ ତାହା କୁହାଇଛନ୍ତି –


‘ସପନେ ବାନର ଲଙ୍କା ଜାରି
ଜାତୁଧାନ ସେନା ସବ ମାରୀ ।’

ଏହା ଶୁଣି ମୁଁ ଭ୍ରମରେ ପଡ଼ିଗଲି । ତ୍ରିଜଟାର ପ୍ରଥମ କଥା ତ ସତ୍ୟ । ହେଲେଦ୍ୱିତୀୟ କଥା ! ଆପଣ ତ ପ୍ରତ୍ୟକ୍ଷରେ ଏ କାର୍ଯ୍ୟ କରିବା ପାଇଁ କହି ନାହାନ୍ତି । ଏବେ ଜଣେ ସନ୍ଥଙ୍କ ମାଧ୍ୟମରେ ସୂଚନା ଦେଉଛନ୍ତି । ତା’ର ଅର୍ଥ ଏ କାମ କରିବା ପାଇଁ ମୋତେ ଆପଣଙ୍କ ପରୋକ୍ଷ ନିର୍ଦ୍ଦେଶ । ପ୍ରତ୍ୟକ୍ଷ ଭାବେ ଆପଣ ନିର୍ଦ୍ଦେଶ ଦେଇଥିଲେ ଆପଣଙ୍କ ‘ମର୍ଯ୍ୟାଦା ପୁରୁଷୋତ୍ତମ’ ବିଶେଷଣରେ ନିଶ୍ଚେ କଳଙ୍କ ଲାଗିଯାଇଥାନ୍ତା । ଜଗତ କହିଥାନ୍ତା –ରାମ କି ଠାକୁର ମ ? ଠାକୁର କ’ଣ କେବେ କାହା ଘରେ ନିଆଁ ଲଗେଇବାକୁ କହିପାରନ୍ତି ? ବଡ଼ ଅନର୍ଥ ହୋଇ ଯାଇଥାନ୍ତା ପ୍ରଭୁ । (କ୍ରମଶଃ...)

–ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ

## ସ୍ୱପ୍ନକୁ ନେଇ ସାତକଥା

ସ୍ୱପ୍ନ ସମସ୍ତେ ଦେଖନ୍ତି, ମଣିଷ ଠାରୁ ଜୀବଜନ୍ତୁ ଯାଏ । ହେଲେ ସ୍ୱପ୍ନକୁ ନେଇ ଏମିତି କିଛି କଥା ଅଛି ; ଯାହା ଅନେକେ ହୁଏତ ଜାଣି ନଥିବେ...



୧– ଆମେ ସାଧାରଣତଃ ଚାରିରୁ ପାଞ୍ଚଟି ବଡ଼ ସ୍ୱପ୍ନ ଦେଖୁ । ମାତ୍ର ଉଠିବା ପରେ ସ୍ୱପ୍ନର ୯୫% ଘଟଣା ଭୁଲିଯାଉ ।

୨– ଆମେ ସ୍ୱପ୍ନରେ ନୂଆ କିଛି ଦେଖୁନା । ଆମ ମସ୍ତିଷ୍କରେ ଯେଉଁ ତଥ୍ୟ ସବୁ ଆଗରୁ ଥାଏ, ତାହାର ବିଭିନ୍ନ ଦିଗକୁ କେବଳ ଦେଖିଥାଉ ।


୩– ଆମେ ସ୍ୱପ୍ନରେ ଦେଖୁଥିବା କୌଣସି ବହିର ଅକ୍ଷର ପଢ଼ିପାରିବା ନାହିଁ ।

୪– ଦୃଷ୍ଟିହୀନ ଲୋକ ମଧ୍ୟ ସ୍ୱପ୍ନ ଦେଖନ୍ତି । ତାଙ୍କ ସ୍ୱପ୍ନରେ କୌଣସି ଚିତ୍ର ନ ଥାଏ । ସେମାନେ କେବଳ ଶବ୍ଦର ସ୍ୱପ୍ନ ଦେଖିଥାଆନ୍ତି ।

୫– ବେଳେବେଳେ ସ୍ୱପ୍ନ ଦେଖିବାବେଳେ ଆମେ ଜାଣିପାରୁ ଯେ ଆମେ ସ୍ୱପ୍ନ ଦେଖୁଛୁ ବୋଲି । ଏହି ପ୍ରକ୍ରିୟାକୁ ଲୁସିଡ୍ ଡ୍ରିମ୍ କୁହାଯାଏ । ୩୦%ରୁ ୪୦% ଲୋକଙ୍କ କ୍ଷେତ୍ରରେ ଏପରି ଘଟିଥାଏ ।

୬– ଆମେ ସ୍ୱପ୍ନରେ ଭବିଷ୍ୟତ ଦେଖିପାରୁନା ଏବଂ ସ୍ୱପ୍ନକୁ ନେଇ ମଧ୍ୟ କୌଣସି ସ୍ୱପ୍ନଫଳ ମଧ୍ୟ ନ ଥାଏ । ଏହା କେବଳ ଆମ ମନର ଭ୍ରମ ମାତ୍ର ।

୭– କେବଳ ମଣିଷ ନୁହେଁ, ପ୍ରାଣୀମାନେ ମଧ୍ୟ ସ୍ୱପ୍ନ ଦେଖନ୍ତି । ସବୁଠୁ କମ୍ ସ୍ୱପ୍ନ ଡଲଫିନ୍ ଏବଂ ସବୁଠୁ ଅଧିକ ସ୍ୱପ୍ନ ଅରମେଡିଲୋ ଓ ଓପୋସମ୍ ଦେଖିଥାଆନ୍ତି ।



# ପେଟ ନ ଥିବା ଝିଅ

ସଲ୍‌ମା ବାଶିର୍‌ଙ୍କୁ ସେତେବେଳେ ୫ ବର୍ଷ ବୟସ ହୋଇଥାଏ। ଛୁଟି କଟେଇବା ପାଇଁ ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆ ଯାଇଥାନ୍ତି। ସେଠି ସେ ବେବି ସୁଇମିଂ ପୁଲ୍ ଯାଇ ପହଁରୁଥାନ୍ତି। ଗର୍ଭବତୀ ମା’ ଦୂରରେ ବସି ସଲ୍‌ମାଙ୍କ ବଡ଼ ଭାଇ ଉପରେ ନଜର ରଖିଥାନ୍ତି। ସଲ୍‌ମା ଦୁଇଥର ପୁଲ୍ ଯାଇ ପହଁରି ମା’ଙ୍କ ପାଖକୁ ଆସିଥିଲେ। କିନ୍ତୁ ତୃତୀୟ ଥର ଯାଇ ଆଉ ଆସିପାରି ନ ଥିଲେ। ଦେଖିଲାବେଳକୁ ସେ ପୁଲ୍‌ର ସକ୍ସନ ଭାଲ୍‌ଭ ଉପରେ ବସି ପଡ଼ିଥିଲେ। ତା’ର ଏତେ ଫୋର୍ସ ଥିଲା ଯେ, ସେ ଟାଣି ହୋଇ ଯାଉଥାନ୍ତି। ଲାଇଫ ଗାର୍ଡ ତାଙ୍କୁ ଟାଣୁଥାନ୍ତି। ହେଲେ ବାହାର କରି ପାରୁ ନ ଥାନ୍ତି। ଦେଖୁ ଦେଖୁ ସୁଇମିଂ କଷ୍ଟ୍ୟୁମ୍ ଚିରି ସଲ୍‌ମାଙ୍କ ଶରୀରରୁ କ୍ଷୁଦ୍ରାନ୍ତ୍ର ତଥା ଅନ୍ତନଳୀ ଟାଣି ହୋଇ ଭାଲ୍‌ଭ ଭିତରକୁ ଚାଲିଗଲା। ତା’ପରେ ତାଙ୍କୁ ପେନ୍‌ସିଲଭାନିଆ ନେଇଗଲେ ଜୀବନ ରକ୍ଷକ ଅସ୍ତ୍ରୋପଚାର ପାଇଁ। କ୍ଷୁଦ୍ରାନ୍ତ୍ର ଟ୍ରାନ୍ସପ୍ଲାଣ୍ଟ କରାଗଲା। ଭାବିଥିଲେ ସବୁକିଛି ଠିକ୍ ହୋଇଯିବ। କିନ୍ତୁ ଶରୀର ସେହି କ୍ଷୁଦ୍ରାନ୍ତ୍ରକୁ ଗ୍ରହଣ କଲା ନାହିଁ। ଫଳରେ କ୍ଷୁଦ୍ରାନ୍ତ୍ର ସହ ବୃହଦନ୍ତ୍ର ଓ ଗଲବ୍ଲାଡର୍‌କୁ ବି ବାହାର କରିଦିଆଗଲା। ଏବେ ବି ସେହି ଅସ୍ତ୍ରୋପଚାର ଯୋଗୁ ପେଟରେ ସୃଷ୍ଟି ହୋଇଥିବା ବଡ଼ କଣା ରହିଛି। ପ୍ରଥମେ ସେହି କ୍ଷତ ଶୁଖୁଥିଲା। ହେଲେ ଏବେ ଆଉ ସୁଖୁ ନାହିଁ। ପ୍ରତିମୁହୂର୍ତ୍ତରେ ଡ୍ରେସିଂ କରାଯାଉଛି। ଏବେ ସେ ୧୬ ବର୍ଷରେ ଉପନୀତ ହେଲେଣି। କିନ୍ତୁ ଏଯାଏ ତାଙ୍କର କ୍ଷୁଦ୍ରାନ୍ତ୍ର, ବୃହଦନ୍ତ୍ର ଓ ଗଲ୍‌ବ୍ଲାଡର୍ ନାହିଁ। ପାଟିରେ ଚୋବାଇ କିଛି ଖାଇପାରୁ ନାହାନ୍ତି। ଶରୀରରେ ସବୁବେଳେ ଏକ ବ୍ୟାଗ ଝୁଲି ରହୁଛି; ଯେଉଁଥିରୁ ବିଭିନ୍ନ ଭିଟାମିନ ପାଇପ୍ ଯୋଗେ ଶରୀରକୁ ପ୍ରଦାନ କରାଯାଉଛି। ଡାକ୍ତରଙ୍କ କହିବାନୁସାରେ ତାଙ୍କର କ୍ଷୁଦ୍ରାନ୍ତ୍ର, ବୃହଦନ୍ତ୍ର, ଗଲ୍‌ବ୍ଲାଡର, ଯକୃତ ଓ ପାକସ୍ଥଳୀର ଟ୍ରାନ୍ସପ୍ଲାଣ୍ଟ କରିବାକୁ ହେବ। ଏଥିପାଇଁ ୩ ମିଲିୟନ ଡଲାର ଖର୍ଚ୍ଚ ହେବ। କିନ୍ତୁ ଏହି ଟ୍ରାନ୍ସପ୍ଲାଣ୍ଟ ଯେ, ସଫଳ ହେବ ତା’ର କିଛି ଗ୍ୟାରେଣ୍ଟି ନାହିଁ।



ବ୍ୟାକ୍ ପେଜ୍

# ନିଜ ଶରୀରର ନିଜେ ବଇଦ ଏଇ ଚଢ଼େଇ

ପୃଥିବୀରେ ଯେବେ ଯେବେ ନୂଆ ରୋଗ ଦେଖା ଦେଇଛି ଚିକିତ୍ସା ନ ବାହାରିବା ପର୍ଯ୍ୟନ୍ତ ତାହା ମୃତ୍ୟୁର ତାଣ୍ଡବ ରଚିଥାଏ। ଅନେକ ଗବେଷଣା ପରେ ବୈଜ୍ଞାନିକମାନେ ଏହାକୁ ହରାଇବାର ଉପାୟ ପାଇଥାନ୍ତି। ଏବେ ଯେମିତି କରୋନା ଭାଇରସ୍ ନେଇ ଚାଲିଛି ଜୀବନ ପରେ ଜୀବନ। ଏ ପର୍ଯ୍ୟନ୍ତ ଏହାର ବି ଠିକ୍ ଚିକିତ୍ସା ପଦ୍ଧତି ମିଳିପାରି ନାହିଁ। ତେବେ ଜାଣନ୍ତି କି ଏମିତି ଏକ ଚଢ଼େଇ ଅଛି, ଯେ କି ନିଜ ଶରୀରରେ ଯେକୌଣସି ରୋଗ ସହ ଲଢ଼ିବା ପାଇଁ ବିନା ଔଷଧରେ ଆପେ ଇମ୍ୟୁନିଟି ବଢ଼ାଇପାରେ। ସେ ଯେବେ ଦେଖେ ନିଜ ପ୍ରଜାତିର ଚଢ଼େଇଙ୍କ ଭିତରେ କିଛି ନୂଆ ରୋଗ ଦେଖାଦେଉଛି, ସଙ୍ଗେ ସଙ୍ଗେ ଚଢ଼େଇଟି ନିଜ ଶରୀରରେ ସେହି ରୋଗ ପାଇଁ ଇମ୍ୟୁନିଟି ପାୱାର ବଢ଼ାଇଦିଏ। ଯେମିତି କି ସେହି ରୋଗରେ ସେ ଆକ୍ରାନ୍ତ ନ ହୁଏ। ଉକ୍ତ ଚଢ଼େଇର ନାମ ହେଉଛି ‘କ୍ୟାନେରିଜ୍’। ହଳଦିଆ ରଙ୍ଗର ଏହି କୁନି ଚଢ଼େଇଟିର ଏଭଳି ଅସମ୍ଭବ ଗୁଣ ସମ୍ପର୍କରେ ଜାଣିବା ପରେ ବୈଜ୍ଞାନିକମାନେ ତା’ ଉପରେ ଗବେଷଣା କରିବାକୁ ଲାଗିଛନ୍ତି। ଯଦି ଏହାର ରହସ୍ୟ ଖୋଲିଯାଏ ତେବେ ମଣିଷଜାତି ପାଇଁ ବରଦାନ ପାଲଟିବ। ଆଉ ମଣିଷ ଯେକୌଣସି ରୋଗ ପାଇଁ ନିଜ ଶରୀରରେ ନିଜେ ଆଣ୍ଟି ଡୋଜ୍ ତିଆରି କରିପାରିବ।



# ପନିପରିବାରେ ଭବିଷ୍ୟବାଣୀ

ଭବିଷ୍ୟ ଜାଣିବାକୁ ଅନେକଙ୍କର ଇଚ୍ଛା ଥାଏ। ତେଣୁ କିଏ ହାତ ପାପୁଲିର ରେଖା ଦେଖି ଭବିଷ୍ୟ କହୁଥିବା ଲୋକଙ୍କ ନିକଟକୁ ଯାଆନ୍ତି ତ କିଏ ଟେରୋ କାର୍ଡ ରିଡର୍‌ଙ୍କ ସାହାରା ନିଅନ୍ତି। କିନ୍ତୁ ଏମିତି ଜଣେ ମଣିଷ ଅଛନ୍ତି ଯେ କି ପନିପରିବା ସାହାଯ୍ୟରେ ଭବିଷ୍ୟ ଦେଖନ୍ତି। କଥାଟି ହାସ୍ୟାସ୍ପଦ ଲାଗିପାରେ, କିନ୍ତୁ ସେ ପନିପରିବା ସାହାଯ୍ୟରେ ଦେଇଥିବା ଭବିଷ୍ୟବାଣୀ ୭୫% ସତ ପାଲଟିଛି। ଏହି ଅଜବ ଭବିଷ୍ୟବକ୍ତା ଜଣକ ହେଉଛନ୍ତି ୟୁକେର ଜେମିମା ପେକିଂଟନ୍। ଖାସ୍‌କରି ସେ ଆସପର୍‌ଗସ୍ ବା ଶତାବରୀ ଜାତୀୟ ପରିବା ସାହାଯ୍ୟରେ ଭବିଷ୍ୟ ଦେଖନ୍ତି। ଏଥିପାଇଁ ସେ କିଛି ଆସ୍‌ପରଗସ୍‌କୁ ଧରି ଉପରକୁ ଫୋପାଡ଼ନ୍ତି। ସେଗୁଡ଼ିକ ଭୂମିରେ ପଡ଼ିଲା ପରେ ଏକ ପାଟର୍ନ ତିଆରି ହୋଇଯାଏ। ସେଇ ପାଟର୍ନକୁ ନେଇ ସେ ଭବିଷ୍ୟବାଣୀ କରନ୍ତି। ତାଙ୍କ ଭବିଷ୍ୟବାଣୀ ଅନୁସାରେ ଚଳିତବର୍ଷ ଇଂଲଣ୍ଡ ୟୁରୋ କପ୍ ଜିତିବ। ଏହି ଜିତ୍ ପାଇଁ ଟିମ୍‌କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଓ ଅନେକ ବାଧାବିଘ୍ନ ପରେ ଇଂଲଣ୍ଡର ହେବ ବିଜୟ। ଜେମିମା ସ୍କଟଲାଣ୍ଡ ଭଲ ପ୍ରଦର୍ଶନ କରିବ ବୋଲି ମଧ୍ୟ ଭବିଷ୍ୟବାଣୀ କରିଛନ୍ତି। ଜେମିମା ଆଜିପର୍ଯ୍ୟନ୍ତ ଅନେକ ଠିକ୍ ଭବିଷ୍ୟବାଣୀ କରିଛନ୍ତି। ସେ ୟୁକେ ରାଜପରିବାର ସମ୍ପର୍କରେ ବି ଠିକ୍ ଭବିଷ୍ୟବାଣୀ କରିଥିଲେ। ଏଥିରେ ଥିଲା ପ୍ରିନ୍ସ ଫିଲିପ୍‌ଙ୍କ ମୃତ୍ୟୁ, ପ୍ରିନ୍ସ ହ୍ୟାରୀଙ୍କ ପରିବାରରୁ ପୃଥକ୍ ହେବା ଆଦି। ଜେମିମା ନିଜେ ବି ଜାଣି ନାହାନ୍ତି ତାଙ୍କର ଏହି ଶକ୍ତି କେଉଁଠୁ ଆସିଲା। ଯେହେତୁ ତାଙ୍କ ମାଉସୀ ବି ଭବିଷ୍ୟ ଦେଖନ୍ତି, ତେଣୁ ଏହି ଗୁଣ ତାଙ୍କଠାରୁ ଆସିଥାଇପାରେ ବୋଲି ସେ କହନ୍ତି।

